# ଦଶ ଲକ୍ଷରେ ଏକ

ଧନ୍ୟବାଦ, ଭାଇ । ଧନ୍ୟବାଦ, ଭାଇ ଶାକାରିଆନ୍ ।

ଏବଂ ଶୁଭ ସକାଳ, ବନ୍ଧୁଗଣ । ଆଜି ସକାଳେ ପୁଣି ଥରେ ଲସ୍ ଆଞ୍ଜେଲସ୍‌ରେ, ଏହି ମହାନ ସମ୍ମିଳନୀ ପୂର୍ବରୁ ଏବଂ ଏମ୍ବେସୀ ହୋଟେଲରେ ହେବାକୁ ଥିବା ଆସନ୍ତା ସପ୍ତାହର ସେହି ସଭା ପୂର୍ବରୁ, ଏଠାରେ ରହିବା ନିଶ୍ଚିତରେ ଭଲ ଅଟେ । ମୁଁ ଆପଣ ସମସ୍ତଙ୍କୁ ସେଠାରେ ଦେଖିବା ପାଇଁ ଆଶା କରୁଛି । ଏବଂ ଆମେ ସମସ୍ତେ ଆମର ପ୍ରଭୁ ଯୀଶୁଙ୍କୁ ସାକ୍ଷାତ କରିବା ପାଇଁ, ତାହାଙ୍କୁ ସେଠାରେ ଦେଖିବା ପାଇଁ ଏକ ବଡ଼ ଆଶାର ତଳେ ଅଛୁ । ସେ ପ୍ରତିଜ୍ଞା କରିଥିଲେ ଯେ ସେ, "ଯେଉଁଠାରେ ଦୁଇ କିମ୍ବା ତିନି ଜଣ ଏକତ୍ର ହେବେ," ସେ ସେଠାରେ ରହିବେ ।

2 ଏବଂ ମୁଁ ସୁନିଶ୍ଚିତ ଯେ ଆଜି ସକାଳେ ଯେତେବେଳେ ମୁଁ ଏହି ପ୍ରେକ୍ଷାଳୟରେ ପାହାଚ ଚଢ଼ି ଉପରକୁ ଆସୁଥିଲି ମୁଁ ତାହାଙ୍କୁ ସାକ୍ଷାତ କରିଥିଲି, ଯେତେବେଳେକି ସମସ୍ତ ଲୋକମାନେ ବହୁତ ଆଶା ସହିତ, ଜଳପାନ ଏବଂ କଥା କହିବାକୁ ଅପେକ୍ଷା କରିଥିଲେ । ଏବଂ ଆପଣମାନଙ୍କ ସହିତ, ଓ ରେଡିଓ ଶ୍ରୋତାବର୍ଗଙ୍କ ସହିତ ଏଠାରେ ଏକତ୍ରିତ ହେବା ଭଲ ଅଟେ । ଏଠାରେ ବହୁତ ଜଣ ଅଛନ୍ତି, ସେମାନେ...ମୋତେ ପରବର୍ତ୍ତୀ ମହଲାକୁ ଓହ୍ଲାଇବାକୁ ପଡିଥିଲା, ଓ କିଛି ଲୋକମାନଙ୍କ ସହ କଥା ହେବାକୁ ପଡିଥିଲା । ଏବଂ ଅନେକ ଅନୁରୋଧମାନ, ହୃଦଘାତ ଓ ସେମାନଙ୍କ ଶରୀରର ବିଭିନ୍ନ ଅସୁସ୍ଥତାଗୁଡ଼ିକୁ ଦେଖିଲି, ଆଉ ଆମେମାନେ ବର୍ତ୍ତମାନ ଏଠାରେ ରୋଗୀ ଏବଂ ପୀଡ଼ିତମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ପାଇଁ ଅଛୁ ।

3 ଠିକ୍ ଯେତେବେଳେ ମୁଁ ପାହାଚର ଶୀର୍ଷରେ ପହଞ୍ଚିଲି...ମୁଁ ବର୍ତ୍ତମାନ ବୃଦ୍ଧ ଭଦ୍ରଲୋକଙ୍କୁ ଦେଖୁଛି । ସେ ମୋ ପାଖକୁ ଆସିଲେ, ଓ କହିଲେ, "ଭାଇ ବ୍ରାନହାମ୍, ଅନେକ ବର୍ଷ ପୂର୍ବେ..." ସେ କହିଲେ ଯେ ତାଙ୍କର ଅତ୍ୟଧିକ ଖରାପ ହୃଦଘାତ ହୋଇଥିଲା ଏପରିକି ସେ... ସେମାନେ ଭାବିଲେ ଯେ ସେ ମରିବାକୁ ଯାଉଛନ୍ତି । ଏବଂ ତାଙ୍କ ପାଇଁ ପ୍ରାର୍ଥନା କରିଥିଲି, ଆଉ ପରମେଶ୍ୱରଙ୍କ କୃପା ତାଙ୍କୁ ସୁସ୍ଥ କରିଥିଲା । ଏବଂ ଏଠାରେ ସେ ଆଜି ସକାଳେ ଅଛନ୍ତି, ପ୍ରାୟଃ ଅଶି ବର୍ଷ ବୟସରେ, କେବଳ ଆନନ୍ଦ କରୁଛନ୍ତି । ତେଣୁ ତାହା ଆମକୁ ନୂତନ ଭରସାକୁ ଗ୍ରହଣ କରିବା ନିମନ୍ତେ ପ୍ରବର୍ତ୍ତାଇ ଥାଏ ।

4 ଏବଂ ବର୍ତ୍ତମାନ ମୁଁ ନିଶ୍ଚିତ ଭାବରେ ରେଡିଓ ପ୍ରସାରଣରେ ଥିବା, ପୁଣି ତାହା ସହିତ ଏଠାରେ ଥିବା ଲୋକମାନଙ୍କର ପ୍ରାର୍ଥନାଗୁଡ଼ିକୁ ଅନୁରୋଧ କରେ । ମୁଁ ଏହି ସଭା ଛାଡିଯିବା ପରେ, ମୁଁ ୟୁରୋପ, ଆଫ୍ରିକା ଏବଂ ଆଖପାଖରେ, ସଭାଗୁଡ଼ିକରେ ଯାଉଅଛି । ଏବଂ ଏହା ଏକ ଦର୍ଶନ ଦ୍ୱାରା ଯିବାର ହେଉଅଛି, ତେଣୁ ମୁଁ ନିଶ୍ଚିତ ଅଟେ ଯେ, ଏହା ସେଠାରେ ଏକ

ମହାନ ସଭା ହେବାକୁ ଯାଉଅଛି। ଏବଂ ମୁଁ ଅନେକ ବର୍ଷ ହେଲା ଅନୁଭବ କରିଛି ଯେ ପ୍ରଭୁ ଚାହୁଁଥିଲେ ଯେ ମୁଁ ଫେରି ଆସେ। ସେ ମୋତେ ଦେଇଥିବା ଏହି ଅଳ୍ପ ବିନମ୍ର, ନମ୍ର ସେବାକାର୍ଯ୍ୟଟି, ମୁଁ ଭାବୁନାହିଁ ଯେ ସେ ଏଯାଏଁ ସେଠାରେ ତାହା ସହିତ, ସମାପ୍ତ ହୋଇଛନ୍ତି। ମନେହେଉଛି ଯେ କୌଣସି ସ୍ଥାନରେ ଏପରି ଏକ ପ୍ରାଣ ରହି ଥାଇପାରେ ଯାହାକୁ ମୁଁ ସୁସମାଚାର ଜାଲରେ ଧରିପାରିବି, ଏପରି ଏକ ଜାଲ ଯାହାକୁ ସେ ମୋତେ ଲୋକମାନଙ୍କୁ ଧରିବା ପାଇଁ ଦେଇଛନ୍ତି, ଈଶ୍ୱରୀୟ ଆରୋଗ୍ୟତାର ମାଧ୍ୟମରେ, ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା ମାଧ୍ୟମରେ। ଏବଂ ମୁଁ ନିଶ୍ଚିତ ଭାବରେ ଆପଣମାନଙ୍କର ପ୍ରାର୍ଥନାଗୁଡିକୁ ଅନୁରୋଧ କରେ, ଉଭୟ ଏଠାରେ ଥିବା ଆପଣ ଲୋକମାନେ ଓ ସେମାନେ, ଯେଉଁମାନେକି ରେଡିଓ ଶ୍ରୋତାବର୍ଗରେ ଅଛନ୍ତି।

5 ମୋ ପାଖରେ ଠିକ୍ ଏକ ମୂଳପାଠକୁ ନେଇ ପ୍ରଚାର କରିବା ପାଇଁ ସମୟ ନାହିଁ, ଯାହାକି ମୁଁ କିଛି ମିନିଟ୍ ପରେ ଆଶା କରୁଛି ଏଠାରେ ସେହି—ଏଠାରେ ସେହି…ଏହି ପ୍ରେକ୍ଷାଳୟରେ, ମାତ୍ର ଆପଣମାନଙ୍କ ସହିତ—ସହିତ କେବଳ ପରିଚିତ ହେବା ନିମନ୍ତେ, କିଛି କ୍ଷଣ କଥା କହିବି। ଏବଂ ଭିନ୍ନ ପ୍ରାନ୍ତରେ ଥିବା ଲୋକମାନଙ୍କ ପାଇଁ, ସେଠାରେ ଥିବା ଲୋକମାନଙ୍କ ପାଇଁ ମୁଁ ପ୍ରାର୍ଥନା କରିବାକୁ ଯାଉଛି, ତୁରନ୍ତ, ଏବଂ ଆପଣଙ୍କ ପାଇଁ ମଧ୍ୟ ଏଠାରେ କରିବାକୁ ଯାଉଛି। ଏବଂ ମୁଁ ନିଶ୍ଚିତରେ ଏହି ସମସ୍ତ ଉତ୍ତମ ନୂତନ ବନ୍ଧୁମାନଙ୍କୁ ସାକ୍ଷାତ କରି ଆନନ୍ଦିତ ଯାହାଙ୍କୁ ମୁଁ ପୂର୍ବରୁ କେବେ ସାକ୍ଷାତ କରି ନ ଥିଲି, ଆଜି ସକାଳେ ହିଁ ସେମାନଙ୍କ ସହିତ ଯୋଗାଯୋଗ କରିଅଛି।

6 ଆମର ଅନ୍ୟ ସ୍ଥାନରେ ସେବାଗୁଡିକରେ ବହୁତ ଭଲ ସମୟ ଅତିବାହିତ ହୋଇଛି। ମୁଁ ଆଉ ଅଧିକ ବାହାରକୁ ଯାଏ ନାହିଁ, ଏହା ଏତେ ବ୍ୟସ୍ତ ଅଟେ। ଆମେ କେବଳ ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ଏବଂ ଟ୍ୟୁସାନ୍, ଆରିଜୋନା ମଧ୍ୟରେ ରାସ୍ତାକୁ ଗରମ ରଖିବାକୁ ଚେଷ୍ଟା କରୁଛୁ, ଯେଉଁଠାକୁକି ଆମେ କିଛି ବର୍ଷ ପୂର୍ବେ, ପ୍ରଭୁଙ୍କର ଏକ ଦର୍ଶନ ଦ୍ୱାରା ସ୍ଥାନାନ୍ତରିତ ହୋଇଥିଲୁ, ଯାହାକି ଆମକୁ ସେଠାକୁ ପଠାଇଥିଲେ…ଏହା ନ ଜାଣି ଯେ ମୁଁ କେଉଁଆଡ଼କୁ ଯାଉଅଛି। ଏବଂ ଆପଣମାନଙ୍କ ମଧ୍ୟରୁ ଅନେକେ ଏଠାରେ, କ୍ଲିଫଟନ୍‌ଠାରେ, ଏବଂ ଫିନିକ୍ସ ସଭାଠାରେ, ମୁଁ ଯିବା ପୂର୍ବରୁ ଆପଣମାନଙ୍କ ସହିତ ଆସିଥିବା ସେହି ଦର୍ଶନ ବିଷୟରେ, ଅଳ୍ପ ଟିକିଏ କଥା ହୋଇଥିଲି। ମୁଁ ଏକ ପୁଞ୍ଜରେ ସାତୋଟି ସ୍ୱର୍ଗ ଦୂତଙ୍କୁ ଦେଖିଥିଲି।

7 ଏବଂ ମୁଁ ଜାଣେ, ରେଡିଓ ଶ୍ରୋତାବର୍ଗଙ୍କ ପାଇଁ, ବୋଧହୁଏ ଆପଣଙ୍କ ମଧ୍ୟରୁ ଅନେକେ ପୂର୍ଣ୍ଣ ସୁସମାଚାର ବିଶ୍ୱାସୀ ନୁହଁନ୍ତି, ଆଉ ଏହା ଆପଣଙ୍କ ପାଇଁ ଟିକିଏ ରହସ୍ୟମୟ ପରି ମନେହୁଏ। ଯାହାକି, ତାହା ମୋ ପାଇଁ ମଧ୍ୟ ହେବ, କିନ୍ତୁ ସେଠାରେ…ଯେକୌଣସି ଲୋକ ଯିଏକି କିଛି ବୁଝାଇପାରେ, ଆପଣଙ୍କୁ ତାହାକୁ ଆଉ ଅଧିକ ବିଶ୍ୱାସ ଦ୍ୱାରା ଗ୍ରହଣ କରିବାକୁ ପଡ଼େ ନାହିଁ। ଏହା ତ ସେହି ବିଷୟମାନ ଅଟେ ଯାହାକୁ ଆମେ ବ୍ୟାଖ୍ୟା କରିପାରିବା ନାହିଁ, ଯାହାକୁ ଆମକୁ ବିଶ୍ୱାସ ଦ୍ୱାରା ଗ୍ରହଣ କରିବାକୁ ପଡିବ। ଆମେ ପରମେଶ୍ୱରଙ୍କୁ ବୁଝାଇ

ପାରିବା ନାହିଁ। କୌଣସି ଲୋକ ପରମେଶ୍ୱରଙ୍କୁ ବୁଝାଇ ପାରିବେ ନାହିଁ। ସେ ସାର୍ବଭୌମ ଅଟନ୍ତି, ଏବଂ ସେ ମହାନ ଓ ପରାକ୍ରମୀ ଅଟନ୍ତି। ଆମେ କେବଳ—ଆମେ କେବଳ ଏହାକୁ ଗ୍ରହଣ କରିଥାଉ କାରଣ ଆମେ ଜାଣୁ ଯେ ସେ ସେଠାରେ ଅଛନ୍ତି। ଏବଂ ତାହାପରେ ଆମର ବିଶ୍ୱାସ ଦ୍ୱାରା, ଏହାକୁ ଗ୍ରହଣ କରିବାରେ, ସେ ଆମ ନିକଟକୁ ସେହି ପ୍ରତ୍ୟୁତ୍ତରକୁ, ପବିତ୍ରଆତ୍ମାଙ୍କ ବାପ୍ତିସ୍ମକୁ ଫେରାଇ ଆଣନ୍ତି।

8 ଯାହାକି, ମୁଁ କେବଳ ଅଳ୍ପ କିଛି ମୁହୂର୍ତ୍ତରେ, ଏଠାରେ ଆପଣଙ୍କ ନିକଟରେ, ତାହା ବିଷୟରେ କହିବାକୁ ଯାଉଛି, "ପରମେଶ୍ୱରଙ୍କ" ଉପାୟ, କିମ୍ବା, "ଉପାସନାର ସ୍ଥାନ।" ଏବଂ ସେହି ଏକମାତ୍ର ସ୍ଥାନ ଯେଉଁଠାରେ ଆପଣ ତାହାଙ୍କୁ ଉପାସନା କରିପାରନ୍ତି, ସେହି ଏକମାତ୍ର ସ୍ଥାନ ଯେଉଁଠାରେ ସେ ଆପଣଙ୍କୁ କେବେ ସାକ୍ଷାତ କରିବେ, ଯାହା ସେଠାରେ ଅଛି...ସେସମସ୍ତ ବିଷୟରେ ସେଠାରେ ଗୋଟିଏ ମଣ୍ଡଳୀ, ଗୋଟିଏ ସ୍ଥାନ, ଗୋଟିଏ ସମୟ, ଗୋଟିଏ ଲୋକ ଅଛନ୍ତି, ଯେଉଁଠାରେ ପରମେଶ୍ୱର ସାକ୍ଷାତ କରନ୍ତି। ଏବଂ ମୁଁ ଆଶା କରେ ଯେ ପ୍ରଭୁ ଏଠାରେ ଏହି ବାର୍ତ୍ତାକୁ ଆପଣମାନଙ୍କ ହୃଦୟରେ ଆଶୀର୍ବାଦ କରିବେ।

9 ତେବେ, ଟ୍ୟୁସାନ୍‌କୁ ଆସିବା, ଏହା ଆଶ୍ଚର୍ଯ୍ୟଜନକ ଥିଲା, ପ୍ରଭୁଙ୍କ ନାମରେ ସେହି ଦର୍ଶନଗୁଡ଼ିକ ଆପଣମାନଙ୍କ ସହିତରେ କଥାବାର୍ତ୍ତା ହେବା ବିଚିତ୍ର ଥିଲା। ସେମାନଙ୍କ ମଧ୍ୟରୁ କେବେବି ଗୋଟିଏ ହେଲେ ହୋଇନାହିଁ ଯେତେଦୂର ମୁଁ ସ୍ମରଣ କରିପାରେ, ଅନ୍ୟ କାହାରିକୁ ପଚାରିବି ଯଦି ସେମାନେ କୌଣସି ସମୟରେ ସ୍ମରଣ କରିପାରନ୍ତି, ଯେ ସେ କେବେ ଏପରି କିଛି କହିଥଲେ କି ଯାହାକି ସତ୍ୟ ନ ଥିଲା। ଏହା ସର୍ବଦା ଠିକ୍ ସେହିପରି ହିଁ ଘଟିଥାଏ ଯେପରିକି ତାହା ହେବ ବୋଲି ସେ କହିଥାନ୍ତି।

10 ଏବଂ ଶାସ୍ତ୍ର ଅନୁଯାୟୀ, ଏହି ଶେଷ ଦିନରେ, ସେ ଏହିପରି ସେବାକାର୍ଯ୍ୟରେ, ଆମ ପାଖକୁ ଫେରିବାକୁ ଅଛି। ତାହା ଆତ୍ମାଙ୍କ ବାପ୍ତିସ୍ମ ପରେ, ଏବଂ ପରଭାଷାରେ କଥା କହିବା ପରେ, ଓ ଈଶ୍ୱରୀୟ ଆରୋଗ୍ୟତା ପରେ, ଆଉ ଏହିପରି ପ୍ରଭୃତି, ବିଷୟଗୁଡିକ ପରେ ହେବ। ଏହା ତ ପେଣ୍ଟିକଷ୍ଟାଲ୍ ବାର୍ତ୍ତାର ମସ୍ତକ ଆଚ୍ଛାଦାନ ଅଟେ ଯାହା ବିଷୟରେ ଆଜି ଆମେ କହୁଅଛୁ। ଖ୍ରୀଷ୍ଟଙ୍କ ଏହି ସେବାକାର୍ଯ୍ୟଟି ନିଜେ ତାହାଙ୍କର ଲୋକମାନଙ୍କ ମଧ୍ୟରେ ନକଲ କରାଯାଉଛି, ଠିକ୍ ସେହି ସମାନ କାର୍ଯ୍ୟଗୁଡିକ ସହ ଯାହା ସେ ପୃଥିବୀରେ ଥିବା ସମୟରେ କରିଥିଲେ; ତାହାଙ୍କ ଶରୀରରେ, ସେହି କନ୍ୟାରେ, ଯାହାକି ତାହାଙ୍କର ଅଂଶ ଅଟେ, ସେହି ସମାନ କାର୍ଯ୍ୟ କରୁଅଛି, ଯେପରିକି ବିବାହ ସମାରୋହ ପୂର୍ବରୁ ସ୍ୱାମୀ ଏବଂ ସ୍ତ୍ରୀ, କିମ୍ବା ରାଜା ଏବଂ ରାଣୀ ରହିଥାଆନ୍ତି।

11 ଏହି ସପ୍ତାହରେ, ଯଦି ପ୍ରଭୁଙ୍କର ଇଚ୍ଛା ହୁଏ, ମୁଁ ଏଠାରେ ଆମର ଅଭିଯାନରେ, ତାହା ବିଷୟରେ କିଛି କହିବାକୁ ଚାହେଁ, ଏମ୍ବେସୀ ହୋଟେଲ ଠାରେ—ଠାରେ, ଏବଂ ତାହା କରିବା ଦ୍ୱାରା ମୋର ବିନମ୍ର ଉପାୟରେ ଏକ ପ୍ରକାର ପରିଚିତ ହେବାକୁ ଚାହେଁ। ସେହି—ସେହି ସମୟ ଏବଂ କାଳ ଯେଉଁଥିରେକି ଆମେମାନେ ରହୁଅଛୁ, ଯଦି ଜଣେ ବ୍ୟକ୍ତି ତାହା ଜାଣେ

ନାହିଁ ଯେ କେଉଁ ମାର୍ଗରେ ଯିବାକୁ ଅଛି, କଅଣ କରିବାକୁ ଅଛି କିମ୍ବା କିପରି ଘୂରିବାକୁ ଅଛି, ତାହାହେଲେ ଆପଣ—ଆପଣ ଆଉ ବିଶ୍ୱାସ ଦ୍ୱାରା ଗମନାଗମନା କରୁ ନାହାଁନ୍ତି; ଆପଣ କେବଳ ଅନୁମାନ କରୁଛନ୍ତି, ଆପଣ କୌଣସି ପ୍ରାକ୍ ଧାରଣା କରୁଛନ୍ତି । ଏବଂ *ପ୍ରାକ୍ ଧାରଣା* କରିବା ହେଉଛି—ହେଉଛି "କୌଣସି ପ୍ରାଧିକାର ବିନା ଅଗ୍ରସର ହେବା ।" ତେଣୁ ଯଦି ଆମ ପାଖରେ ତାହା ଜାଣିବା ହେତୁ ବାସ୍ତବ ପ୍ରାଧିକାର ନାହିଁ ଯେ ପରମେଶ୍ୱର କଅଣ କହିଛନ୍ତି ଯେ ଏହି ଘଟିକାରେ କଅଣ ଘଟିତ ହେବ, ତାହାହେଲେ ଆମେମାନେ କିପରି ଭାବରେ ଏହି ଘଟିକାକୁ କେବେ ସମ୍ମୁଖିନ ହେବାକୁ ଯାଉଅଛୁ? ଏବଂ ଆମକୁ ଏହା ଜାଣି, ତାହାର ସମ୍ମୁଖିନ ହେବାକୁ ପଡିବ, ଯେ ତାହାଙ୍କର ବାକ୍ୟରେ ବିଶ୍ୱାସ ଦ୍ୱାରା, ସେହି ବିଷୟ ସବୁ ଯାହାକି ବର୍ତ୍ତମାନ ଘଟିବାକୁ ଅଛି, ଏବଂ ରାଷ୍ଟ୍ରଗୁଡିକର ଅବସ୍ଥା, ଲୋକମାନଙ୍କର ଅବସ୍ଥା, ମଣ୍ଡଳୀର ଅବସ୍ଥା, ଓ ଇତ୍ୟାଦି ।

12 ଆମକୁ ତାହା ଜାଣିବାକୁ ପଡ଼ିବ, ଏବଂ ତାହାପରେ ଏହାକୁ ସମ୍ମୁଖିନ ହେବା ନିମନ୍ତେ କିପରି ଚାଲିବାକୁ ହେବ । ଯଦି ଆପଣ ତାହା କିପରି କରିବାକୁ ଅଛି ଜାଣି ନାହାଁନ୍ତି, ତାହାହେଲେ ଆପଣ କେବଳ—କେବଳ ଯାହାକୁ ଆମେ କହିଥାଉ ଏକ, ପ୍ରକାରର, ଅସ୍ପଷ୍ଟ ଭାବରେ; କେବଳ ଡେଇଁଥାନ୍ତି, ଏହା ଆଶା କରି ଯେ ଏହା ଏଠାରେ ହେବ, *ଏହା* ଆଶା କରି ଏବଂ *ତାହା* ଆଶା କରି, ପୁଣି "କଅଣ ଏହା ହେବ କି?" ମାତ୍ର ପରମେଶ୍ୱର ଆମେ ତାହା କରୁ ବୋଲି ଚାହାଁନ୍ତି ନାହିଁ । ସେ ଚାହାଁନ୍ତି ଯେ ଆମେ ତାହା ଜାଣୁ ଯେ ସେ ଏହି ଦିନ ବିଷୟରେ କଅଣ କହିଛନ୍ତି, ଏବଂ ତାହାପରେ ବିଶ୍ୱାସ ଦ୍ୱାରା ଏହାକୁ ସାକ୍ଷାତ କରୁ, କାରଣ ସେ କହିଥିଲେ ଯେ ତାହା ସେହିପରି ହେବ । ତାହାପରେ ଆମେ—ଆମେ ଜାଣୁ ଯେ ସେତେବେଳେ ଆପଣ ସତ୍ୟ ଅଟନ୍ତି, କାରଣ ଆପଣ ଏହା ପାଇଁ ଅନ୍ୟ କୌଣସି ବ୍ୟକ୍ତିଙ୍କର ବାକ୍ୟ ପାଇ ନାହାଁନ୍ତି; ଆପଣ ଏହା ବିଷୟରେ ତାହାଙ୍କର ବାକ୍ୟ ପାଇଅଛନ୍ତି ଯେ ଆମେ କଅଣ କରିବା ଉଚିତ । ଏବଂ ଆମେ ଆଶା କରୁଛୁ ଯେ ଆମର ସ୍ୱର୍ଗୀୟ ପିତା ଆମକୁ ଏହି ସପ୍ତାହରେ ଏହା ପ୍ରଦାନ କରିବେ—କରିବେ ।

13 ବର୍ତ୍ତମାନ, ମୁଁ ଦୁଃଖିତ ଯେ ମୁଁ ସେହି ବିଷୟକୁ କାଟି ଦେଇଥିଲି, ଯାହା ମୁଁ ଅଳ୍ପ ସମୟ ପୂର୍ବରୁ କହୁଥିଲି, ଟ୍ୟୁସାନ୍‌କୁ ଆସିବା ବିଷୟରେ । ଏବଂ ମୁଁ ନିଜେ, ଭାବୁଥିଲି, ଯେ ଏହା ମୋ ଜୀବନର ଶେଷ ଅଟେ । ମୁଁ ଭାବିଥିଲି ଯେ କେହିହେଲେ ସେଦିନ ଘରେ ପ୍ରାୟଃ ଦଶ ଘଣ୍ଟା ସମୟରେ ସେହି ଦର୍ଶନରେ ଘଟିଥିବା ସେହି ଅବସ୍ଥାର ଝଟକାକୁ, କେବେ ବି ସହ୍ୟ କରିପାରିବେ ନାହିଁ, ଯେ ତାହାପରେ କେହି କେବେ ବଞ୍ଚିବାକୁ ସକ୍ଷମ ହେବେ । କାହିଁକି, ମୁଁ ଟ୍ୟୁସାନ୍‌କୁ ଆସିଲି, ମୋ ପୁଅ ସାଙ୍ଗରେ, ମୋ ପତ୍ନୀ ଏବଂ—ଏବଂ ପିଲାମାନଙ୍କ ପାଇଁ ବ୍ୟବସ୍ଥା କରୁଥିଲି ଯେପରିକି ମୁଁ ଯିବା ପରେ ସେମାନେ ତାହା ସହିତ ରହିବେ, କାରଣ ମୁଁ ଭାବୁଥିଲି ଯେ ଏହା ମୋର ଶେଷ ଅଟେ । ଏବଂ ମୁଁ, ଫିନିକ୍ସରେ ଏବଂ ଅନେକ ସଭାଗୁଡିକରେ ତାହା ଘଟିବା ପୂର୍ବରୁ, ମୁଁ ଆପଣଙ୍କୁ କହିଥିଲି ଯେ ଏହା କିପରି ଘଟିବ ।

14 ତେବେ, ଏହାର କିଛି ମାସ ପରେ, ମୁଁ ଗୋଟିଏ ସକାଳରେ ସାବିନୋ କେନିୟନ୍‌ରେ ଥିଲି, ଯାହାକି ଠିକ୍ ଟ୍ୟୁସାନ୍‌ର ଉତ୍ତରରେ ଅଟେ। ମୁଁ ସେଠାରେ ଉପରେ ପ୍ରାର୍ଥନା କରିବା ପାଇଁ ଥିଲି। ଏବଂ ଯେତେବେଳେ ମୁଁ ପ୍ରାର୍ଥନା କରୁଥିଲି, ମୁଁ ମୋର ହାତକୁ ଏପରି ପବନରେ ଉଠାଇ ରଖିଥିଲି, କହୁଥିଲି, "ପିତା, ମୁଁ ତୁମକୁ ପ୍ରାର୍ଥନା କରୁଛି ଯେ ତୁମେ ମୋତେ ସେହି ଘଟିକା ପାଇଁ ଯାହା ମୁଁ ବର୍ତ୍ତମାନ ସମ୍ମୁଖିନ ହେଉଅଛି, ଯେକୌଣସି ପ୍ରକାରେ ହେଲେ ସାହାଯ୍ୟ କରିବ, ମୋତେ ଶକ୍ତି ଦେବ। ଏବଂ ଯଦି ମୋର କାର୍ଯ୍ୟ ଏଠାରେ ପୃଥିବୀରେ ସମାପ୍ତ ହୋଇ ଯାଇଅଛି, ତେବେ ମୁଁ ତୁମ ପାଖକୁ ଆସିଯିବି। ଏବଂ ଏହା ନୁହେଁ ଯେ ମୁଁ ଆସିବା ନିମନ୍ତେ ଦୁଃଖିତ, ମାତ୍ର ମୁଁ ଜାଣେ ଯେ ତୁମେ ମୋ ପରିବାରର ଯତ୍ନ ନେବ। ଏବଂ ମୁଁ—ମୁଁ କେବଳ ଏହି ଘଟିକା ପାଇଁ ଶକ୍ତି ମାଗୁଛି।" ଆଉ କିଛି ଗୋଟାଏ ମୋ ହାତକୁ ଆଘାତ କଲା!

15 ବର୍ତ୍ତମାନ, ରେଡିଓ ଶ୍ରୋତାବୃନ୍ଦ, ଏହା ଅଦ୍ଭୁତ ମନେ ହେଉ ଥାଇପାରେ ଯାହା ମୁଁ କହିଅଛି, କିନ୍ତୁ ଏହା ସତ୍ୟ ଅଟେ। ଏବଂ ପରମେଶ୍ୱର ମୋର ବିଚାରକର୍ତ୍ତା ଅଟନ୍ତି।

16 ମୁଁ ମୋ ହାତରେ ଦେଖିଲି, ଏବଂ ସେଠାରେ ଏକ ଖଡ୍ଗ ଥିଲା, ତାର ଧରିବା ମୁଠୀ ଉପରେ ଏକ ସୁରକ୍ଷା ଆବରଣ ଥିଲା। ଏବଂ ସେହି ମୁଠୀଟି ନିଜେ ମୋତିରେ ନିର୍ମିତ ହୋଇଥିଲା, ଆଉ ଏପରି ଦିଶୁଥିଲା ଯେପରିକି ତାର ମୁଠୀ ଅଂଶ ଉପରେ ଏକ ପ୍ରକାର ସୁନା-ସଦୃଶ ସୁରକ୍ଷା ଆବରଣ ଲାଗିଥିଲା। ଏବଂ ସେହି—ସେହି ଖଡ୍ଗଧାର ନିଜେ ଏପରି ଦେଖାଯାଉଥିଲା ଯେପରିକି ଏହା ଏକ ଚମକିଲା ଭଳି ଥିଲା, ଓଃ, ସେପରି କିଛି କ୍ରୋମ୍ ଧାତୁ କିମ୍ବା ସୂର୍ଯ୍ୟକିରଣରେ କିଛି ଝଲସୁଥିବା ଭଳିଆ ଥିଲା।

17 ତେବେ, ଏହା ଏକ ପାହାଡ ଉପରେ, ସକାଳ ପ୍ରାୟଃ ଦଶ କିମ୍ବା ଏଗାରଟା ସମୟ ଥିଲା। ଆପଣ କଳ୍ପନା କରିପାରୁ ଥିବେ ଯେ ଜଣେ ବ୍ୟକ୍ତି କିପରି (ଯାହା ମୁଁ ଅନୁଭବ କରେ ଯେ ମୁଁ ମୋର ସଠିକ୍ ମସ୍ତିଷ୍କରେ ଅଛି) ଅନୁଭବ କରୁଥିବ ସେଠାରେ ଏକ ଖଡ୍ଗ ଧରି ଛିଡ଼ା ହୋଇଥିବାର ଯାହାକି କୌଣସି ସ୍ଥାନରୁ ଆସିଥିଲା, ମାଇଲ୍ ମାଇଲ୍ ବାଟ କେହି ଲୋକ ନାହାଁନ୍ତି, ଆପଣ ନିଜ ହାତରେ ତାହା ଧରି ରହିଛନ୍ତି। ମୁଁ ତାହାକୁ ଅନୁଭବ କଲି, ଆଉ ସେହି ଧାର ବ୍ଲେଡକୁ ନେଇ ଆଗକୁ ପଛକୁ ହଲେଇଲି, ଏବଂ, କାହିଁକି, ଏହା ତ ଏକ ଖଡ୍ଗ ଥିଲା।

18 ଏବଂ ମୁଁ ଚାରିଆଡ଼କୁ ଚାହିଁଲି। ମୁଁ କହିଲି, "ତେବେ, ବର୍ତ୍ତମାନ, ତାହା କିପରି ହୋଇପାରେ? ଏଠାରେ ମୁଁ ଏଠାରେ ଛିଡ଼ା ହୋଇଛି, ଠିକ୍, ଏଠାରେ, ଏବଂ ମାଇଲ୍ ମାଇଲ୍ ବାଟ ପର୍ଯ୍ୟନ୍ତ କେହି ହେଲେ ନାହାଁନ୍ତି, ଆଉ ତାହା କେଉଁଠାରୁ ଆସିଲା?" ଏବଂ ମୁଁ କହିଲି, "ତେବେ, ମୁଁ—ମୁଁ ଅନୁମାନ କରୁଛି ବୋଧହୁଏ ଏହା ପ୍ରଭୁ ଅଟନ୍ତି—ଅଟନ୍ତି ଯିଏକି ମୋତେ କହୁଛନ୍ତି ଯେ ଏହା ମୋର ଶେଷ ସମୟ ଅଟେ।"

ଏବଂ ଏକ ସ୍ୱର କଥାବାର୍ତ୍ତା କଲା ଏବଂ କହିଲା, "ଏହା ହେଉଛି ସଦାପ୍ରଭୁଙ୍କର ଖଡ୍ଗ।"

19 ଆଉ ମୁଁ ଭାବିଲି, "ଆଚ୍ଛା, ଏକ ଖଡ୍ଗ, ତେବେ ତାହା ତ...ଯେପରିକି ଏକ ରାଜା ପାଇଁ, ନାଇଟ୍ ଯୋଦ୍ଧା ପାଇଁ ଅଟେ," ଆପଣ ଜାଣନ୍ତି, ଯେ ସେମାନେ ଇଂଲାଣ୍ଡ ଏବଂ ବିଭିନ୍ନ

ସ୍ଥାନରେ କିପରି କରୁଥିଲେ। ମୁଁ ଭାବିଲି, "ତାହାହିଁ ତ ଯାହାକି ଏହାର ପ୍ରୟୋଜନ ଅଟେ, ନାଇଟ୍ ଯୋଦ୍ଧା ପାଇଁ।" ଏବଂ ମୁଁ ଭାବିଲି, "ତେବେ, ବୋଧହୁଏ ମୋତେ ଲୋକମାନଙ୍କ ଉପରେ ହାତ ରଖିବାକୁ ଅଛି, କିମ୍ବା..." ମୋତେ ସବୁ ପ୍ରକାର ବିଚାର ଆସୁଥିଲା...ମଣିଷର ମସ୍ତିଷ୍କ ସବୁ ପ୍ରକାରେ ଘଣ୍ଟା ଚକଟା ହୋଇପାରେ, ଆପଣ ଜାଣନ୍ତି। ଆପଣ ଜାଣି ନ ଥିବେ। ଆମର ମସ୍ତିଷ୍କ ସୀମିତ ଅଟେ; ତାହାଙ୍କର ଅସୀମ ଅଟେ। ତେଣୁ, ଏବଂ ଯେତେବେଳେ ମୁଁ କଲି, ଏହା...ତାହାପରେ ଏହା ମୋ ହାତରୁ ଛାଡି ଚାଲିଗଲା ଏବଂ ମୁଁ ଜାଣେ ନାହିଁ ଯେ ତାହା କେଉଁଠାକୁ ଗଲା, କେବଳ ଅଦୃଶ୍ୟ ହୋଇଗଲା। କାହିଁକି, ଯଦି ଜଣେ ବ୍ୟକ୍ତି ଆତ୍ମିକ ବିଷୟଗୁଡିକ ସମ୍ବନ୍ଧରେ ଟିକିଏ ବି ବୁଝେ ନାହିଁ, ତାହାହେଲେ ଆପଣ—ଆପଣ ସେହିପରି ପାଗଳ ହୋଇଯିବେ। ଆପଣ ସେଠାରେ ଛିଡ଼ା ହୋଇ, କଅଣ ହେଲା ବୋଲି ଆଶ୍ଚର୍ଯ୍ୟ କରୁଥିବେ।

20 ଆଉ ସେ କହିଲେ, "ସେହି ଦର୍ଶନଟି ତୁମର ଶେଷ ସମୟ ନୁହେଁ। ଏହା ତୁମର ସେବାକାର୍ଯ୍ୟ ପାଇଁ ଅଟେ। ସେହି ଖଣ୍ଡ ହେଉଛି ବାକ୍ୟ। ସପ୍ତ ମୁଦ୍ରା ଫିଟାଯିବ, ତାହାର ନିଗୁଢ଼ ରହସ୍ୟମାନ..."

21 ଏବଂ ତାହାପରେ ଏହାର ଦୁଇ ସପ୍ତାହ ଉତ୍ତାରେ, କିମ୍ବା ଦୁଇ ମାସ, ବରଂ, ତାହାର ପରେ, ମୁଁ ପର୍ବତ ଉପରେ ଦଳେ ସାଙ୍ଗମାନଙ୍କର ସହିତରେ ଥିଲି ଯେତେବେଳେ ଏହା ଘଟିଥିଲା। ସାତୋଟି ସ୍ୱର୍ଗ ଦୂତମାନେ, ସେତିକି ସ୍ପଷ୍ଟ ଭାବରେ ଯେତିକି ସ୍ପଷ୍ଟ ଆପଣ ଏଠାରେ ଛିଡ଼ା ହୋଇଛନ୍ତି, ସ୍ୱର୍ଗରୁ ତଳକୁ ଓହ୍ଲାଇ ଆସିଥିଲେ। ପର୍ବତରେ ଥିବା ପଥରଗୁଡ଼ିକ ପାହାଡ ଉପରୁ ଖସି ତଳକୁ ଗଡି ଆସିଥିଲା, ଏବଂ—ଏବଂ ସେଠାରେ ଛିଡ଼ା ହୋଇଥିବା ଲୋକମାନେ ଚିତ୍କାର କରିଥିଲେ ଓ ଏପଟ ସେପଟ ଦୌଡିଥିଲେ, ଆପଣ ଜାଣନ୍ତି, ଆଉ ସବୁଆଡେ ଧୂଳି ଉଡି ଯାଇଥିଲା। ଏବଂ ଯେତେବେଳେ ତାହା ହେଲା, ସେ କହିଲେ, "ତୁମେ ନିଜ ଘରକୁ ଫେରିଯାଅ। ବର୍ତ୍ତମାନ ଏହା ହେବ ଯେ, ପ୍ରତ୍ୟେକଟି ସ୍ୱର୍ଗଦୂତ ସପ୍ତ ମୁଦ୍ରାର ଗୋଟିଏ ଗୋଟିଏ ମୁଦ୍ରା ହେବେ।"

22 ଯାହାକି, ଏହା ଟେପ୍‌ରେ ଅଛି। ଏବଂ ପୁସ୍ତକଟି ଖୁବ୍ ଶୀଘ୍ର ଛପାହୋଇ ବାହାରି ଆସିବ, ବର୍ତ୍ତମାନ ଏହା ଏକ ପ୍ରକାରେ ବ୍ୟାକରଣଗତ ଶୁଦ୍ଧ କରାଯାଇଛି। ଯେପରିକି ଆପଣମାନେ ଜାଣନ୍ତି, ମୋର ବ୍ୟାକରଣ ବହୁତ ଭଲ ନୁହେଁ, ଏବଂ ଲୋକମାନେ ବୁଝିପାରିବେ ନାହିଁ... ଆପଣଙ୍କୁ କେବଳ ଏପରି ଲୋକ ହେବାକୁ ଅଛି ଯେଉଁମାନେକି ମୋତେ ପ୍ରେମ କରନ୍ତି ଏବଂ ତାହା ଜାଣନ୍ତି ଯେ ମୋ ବ୍ୟାକରଣରେ ମୋତେ କିପରି ବୁଝିବାକୁ ଅଛି। କିନ୍ତୁ କୌଣସି ଧର୍ମଶାସ୍ତ୍ରୀ ଏହାକୁ ମୋ ପାଇଁ ବ୍ୟାକରଣ ଶୁଦ୍ଧ କରୁଛନ୍ତି, ଏବଂ ସେସବୁ—ସେସବୁ ବିଷୟ କାଢି ନେଉଛନ୍ତି...ତେବେ, ବୋଧହୁଏ ମୁଁ ସେଠାରେ ଭୁଲ ଶବ୍ଦ କହିଲି। ଏପରିକି ମୁଁ ଜାଣେ ନାହିଁ। ତେଣୁ, ମୁଁ କାହାରିକୁ ହସୁଥିବାର ଶୁଣିଲି, ତେଣୁ ମୁଁ ଅନୁମାନ କରେ ଯେ ସେହି "ବ୍ୟାକରଣଗତ ଶୁଦ୍ଧ" ଠିକ୍ ନ ଥିଲା। କିନ୍ତୁ ସେହି ଡଚ୍ ବ୍ୟକ୍ତିଙ୍କ ପରି, ଆପଣ ମୋତେ

ସେଥିରେ ଗ୍ରହଣ କରନ୍ତୁ ଯାହା ମୋର କହିବାର ଅର୍ଥ ଅଟେ ଓ ସେଥିରେ ନୁହେଁ ଯାହା ମୁଁ କହିଥାଏ, ବୋଧହୁଏ।

23 ଆଉ ମୋତେ କୁହାଯାଇଛି ଯେ, କାର୍ଯ୍ୟକ୍ରମ ବନ୍ଦ ହେବା ପାଇଁ, ଏହା ବର୍ତ୍ତମାନ ଆଉ ତିନି ମିନିଟ୍ ଅଛି।

24 ବର୍ତ୍ତମାନ, ଆପଣ ରେଡିଓ ପ୍ରସାରଣରେ ଥିବା ପ୍ରିୟ ଲୋକମାନେ, ଏବଂ ଆପଣ ଏଠାରେ ଦର୍ଶକବୃନ୍ଦଙ୍କ ମଧ୍ୟରେ ଥିବା ଅସୁସ୍ଥ ଏବଂ ଅଭାବୀ ଲୋକମାନେ, କଅଣ ଆପଣମାନେ ବର୍ତ୍ତମାନ ପରସ୍ପର ଜଣେ ଅନ୍ୟ ଉପରେ ନିଜର ହାତକୁ ରଖିବେ କି ଯେତେବେଳେ ଆମେମାନେ ରୋଗୀମାନଙ୍କ ପାଇଁ ଏହି ପ୍ରାର୍ଥନାର ଶବ୍ଦ କରୁଅଛୁ? ତେବେ, ଯୀଶୁ କହିଥିଲେ, ମଣ୍ଡଳୀ ପ୍ରତି ଯାହା ତାହାଙ୍କର ଶେଷ କାର୍ଯ୍ୟଭାର ଥିଲା, "ଏହି ଚିହ୍ନଗୁଡିକ ବିଶ୍ୱାସ କରୁଥିବା ଲୋକମାନଙ୍କର ଅନୁଗାମୀ ହେବ।" "ସେମାନଙ୍କର," ସେମାନଙ୍କର ଯେଉଁମାନେକି ବିଶ୍ୱାସ କରନ୍ତି! "ଯଦି ସେମାନେ ରୋଗୀମାନଙ୍କ ଉପରେ ନିଜର ହାତକୁ ରଖିବେ, ସେମାନେ ସୁସ୍ଥ ହୋଇଯିବେ।"

25 ପ୍ରିୟ ସ୍ୱର୍ଗସ୍ଥ ପିତା, ଆମେ ଆଜି ପିଲାମାନଙ୍କ ପରି ଅଟୁ, ତୁମେ ଯାହା କରିବାକୁ କହିଅଛ ଆମେ ତାହା ପାଳନ କରୁଛୁ। ଆମେ ଏହି ସମସ୍ତ ଟେଲିଫୋନ୍ ଅନୁରୋଧଗୁଡିକ ଉପରେ ହାତ ରଖିଛୁ। ତୁମେ ସେମାନଙ୍କୁ ସେଠାରେ ସେହି ସ୍ଥାନଗୁଡିକରେ ଦେଖୁଛ, ଯେ ସେମାନେ କିପରି ଅଭାବୀ, ପୀଡିତ ଅଟନ୍ତି। ତୁମେ ଏଠାରେ ସେମାନଙ୍କୁ ଦେଖୁଛ ଯେଉଁମାନେକି ଅଭାବୀ, ପୀଡିତ ଅଟନ୍ତି। ଏବଂ ହେ ପ୍ରିୟ ପରମେଶ୍ୱର, ଆମେ ସେମାନଙ୍କୁ ତୁମ ନିକଟରେ, ତୁମେ କହିଥିବା ବାକ୍ୟ ଉପରେ ଥିବା ଏହି ବିଶ୍ୱାସ ସହିତ ସମର୍ପଣ କରୁଛୁ, "ଏହି ଚିହ୍ନଗୁଡିକ ବିଶ୍ୱାସ କରୁଥିବା ଲୋକମାନଙ୍କର ଅନୁଗାମୀ ହେବ। ଯଦି ସେମାନେ ରୋଗୀମାନଙ୍କ ଉପରେ ହାତ ରଖିବେ, ସେମାନେ ସୁସ୍ଥ ହେବେ।" ହେ ପ୍ରଭୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହାକୁ ପ୍ରଦାନ କର। ଆମେନ୍। [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]

[ଭାଇ ବ୍ରାନହାମ୍ ପ୍ରଥମ ରେଡିଓ ପ୍ରସାରଣ ଶେଷ କରନ୍ତି—ସମ୍ପା।]

* * * * * * *

26 ଧନ୍ୟବାଦ, ଭାଇ ଶାକାରିଆନ୍। ଏହା ନିଶ୍ଚିତ ଭାବରେ ପ୍ରସାରଣରେ ପୁନର୍ବାର ଫେରି ଆସିବା, ପୁଣି ରେଡିଓ ପ୍ରସାରଣରେ ଥିବା ଆମର କିଛି ବନ୍ଧୁମାନଙ୍କ ସହ, ତାହା ସହିତ ଏଠାରେ ଉପସ୍ଥିତ ଥିବା ଲୋକମାନଙ୍କ ସହ କଥା ହେବା ଏକ ବଡ଼ ସୌଭାଗ୍ୟର ବିଷୟ ଅଟେ।

27 ଏବଂ ଆମେ ନିଶ୍ଚିତ ଭାବରେ ଆପଣଙ୍କୁ ଏହି ନିମନ୍ତ୍ରଣକୁ ବିସ୍ତାର କରୁଛୁ, ଯେ ଆସନ୍ତାକାଲି ଅପରାହ୍ନରେ ଏମ୍ବେସୀ ହୋଟେଲକୁ, ପ୍ରାର୍ଥନା କରାଇବା ନିମନ୍ତେ ଆସନ୍ତୁ। ଆଉ କେବଳ ସେତିକି ନୁହେଁ, ମାତ୍ର ସେମାନଙ୍କୁ ନେଇ ଆସନ୍ତୁ ଯେଉଁମାନେକି ପାପୀ ଏବଂ ଯେଉଁମାନେ ପଶ୍ଚାତଗମନକାରୀ ଅଟନ୍ତି। ଯଦି ଆମର କେବଳ ରୋଗୀମାନଙ୍କ ପାଇଁ

ପ୍ରାର୍ଥନା ହୁଏ, ଏବଂ ଆମେ ପରମେଶ୍ୱରଙ୍କୁ ନିରନ୍ତର ମହାନ ଚମତ୍କାରଗୁଡିକ କରୁଥିବାର ଦେଖୁ, ମାତ୍ର ତାହା ଦ୍ୱିତୀୟତଃ ଅଟେ । ମୁଖ୍ୟ ବିଷୟଟି ହେଉଛି ଉଦ୍ଧାର ହେବା, ପରମେଶ୍ୱରଙ୍କ ଆତ୍ମାରେ ପରିପୂର୍ଣ୍ଣ ହେବା, ଯାହାକି ମୁଁ ଏଠାରେ ଆପଣମାନଙ୍କ ସହିତରେ ଅଳ୍ପ କିଛି କ୍ଷଣରେ କହିବାକୁ ଯାଉଅଛି, ଏବଂ ତାହାର ପ୍ରୟୋଜନ ବିଷୟରେ ଯେ କିପରି ଆମେ ପରମେଶ୍ୱରଙ୍କ ଆତ୍ମାରେ ପରିପୂର୍ଣ୍ଣ ହେବା ଆବଶ୍ୟକ ଅଟେ ।

28 ଏବଂ ଈଶ୍ୱରୀୟ ଆରୋଗ୍ୟତା ସାଧାରଣତଃ ଲୋକମାନଙ୍କର ଧ୍ୟାନକୁ ଆକର୍ଷଣ କରିଥାଏ, ଏବଂ ସେମାନଙ୍କୁ ପରମେଶ୍ୱରଙ୍କ ଉପସ୍ଥିତିରେ ଆଣିଥାଏ । ଯେତେବେଳେ ପରମେଶ୍ୱର କିଛି କରନ୍ତି ଯାହାକି—ଯାହାକି ସେମାନେ ଜାଣନ୍ତି ଯେ ବୁଝି-…ତେବେ, ଏହା ବୁଝାଯାଇ ନ ଥାଏ । ଆମେ ଏହାକୁ ଯାନ୍ତ୍ରିକ ଭାବରେ ଦେଖାଇ ପାରିବା ନାହିଁ ଯେ ଏହା କିପରି ହୋଇଥାଏ । ପରମେଶ୍ୱର ଏହାକୁ ତାହାଙ୍କର ନିଜର ମହାନ ଉପାୟରେ କରିଥାନ୍ତି । ତାହାପରେ ତାହା ଲୋକମାନଙ୍କର ଦୃଷ୍ଟିକୁ ଆକର୍ଷଣ କରିଥାଏ, ଏହା ଜାଣିବା ହେତୁ ଯେ କୌଣସିଠାରେ ଶକ୍ତିର ଏକ ଉପସ୍ଥିତି ଅଛି, ଯାହାକି ଏପରି କିଛି କରିପାରେ ଯାହାକି ମଣିଷର ବୁଝାମଣାର ବାହାରେ ଅଟେ, ଏବଂ ତାହା ସେମାନଙ୍କୁ ପରମେଶ୍ୱରଙ୍କ ମେଷଶାବକ ଆଡକୁ ଚାହିଁବା ପାଇଁ ପ୍ରବର୍ତ୍ତାଇ ଥାଏ । ଏବଂ ସର୍ବଦା, ଈଶ୍ୱରୀୟ ଆରୋଗ୍ୟତା, ମୋତେ କୁହାଯାଇଛି, ଆଉ ମୁଁ ନିଜେ, ବିଶ୍ୱାସ କରେ, ଯେ ଆମ ପ୍ରଭୁଙ୍କର ସେବାକାର୍ଯ୍ୟର ପ୍ରାୟଃ ଷାଠିଏ, ବୋଧହୁଏ, ଓ ସତୁରି ପ୍ରତିଶତ ଭାଗ, ଈଶ୍ୱରୀୟ ଆରୋଗ୍ୟତା ଉପରେ ରହିଥିଲା । ଏବଂ ସେ ତାହା ଲୋକମାନଙ୍କୁ ଆକର୍ଷିତ କରିବା ପାଇଁ କରିଥିଲେ । ଏହାପରେ ଯେତେବେଳେ ସେମାନେ ସେଠାରେ ଥିଲେ, ସେ କହିଥିଲେ, "ଯଦି ତୁମେ ତାହା ବିଶ୍ୱାସ ନ କର ଯେ ମୁଁହିଁ ସେ ଅଟେ, ତୁମେ ତୁମର ପାପରେ ବିନଷ୍ଟ ହେବ ।"

29 ତେବେ, ଈଶ୍ୱରୀୟ ଆରୋଗ୍ୟତା ପ୍ରଭୁ ଯୀଶୁଙ୍କ ଆଡକୁ ଲୋକମାନଙ୍କୁ ଦେଖିବା ହେତୁ ପ୍ରବର୍ତ୍ତାଇ ପାଇଁ, ଏକ ମହାନ ଆକର୍ଷଣର ସାଧନ ଅଟେ । ଏବଂ ଡାକ୍ତର ଏଫ୍. ଏଫ୍. ବୋସୱର୍ଥ, ଯାହାକି ଆପଣଙ୍କ ମଧ୍ୟରୁ ଅନେକେ ତାଙ୍କର, ଜଣେ ବନ୍ଧୁ ଥିଲେ, ଓ ତାଙ୍କୁ ଜାଣିଥିଲେ, ଆଉ ତାଙ୍କର ସେବାକାର୍ଯ୍ୟଟି ମୋ ପାଇଁ ଜଣେ ଯୁବା ସେବକ ଭାବରେ ବହୁତ ମହତ୍ତ୍ୱ ରଖିଥିଲା । ମୁଁ ମୋର ସଭାଗୁଡ଼ିକରେ ଆରମ୍ଭ କରିଥିଲି, ଏବଂ ମୁଁ ଭାଇ ବୋସୱର୍ଥଙ୍କୁ ଭେଟିଥିଲି । ସେ କହୁଥିଲେ, "ଈଶ୍ୱରୀୟ ଆରୋଗ୍ୟତା," ଏହା କହିବା ବର୍ତ୍ତମାନ ଏକ ଛୋଟ ରୁକ୍ଷ ବିବୃତ୍ତି ହେବ, ସେ କହୁଥିଲେ, "ଈଶ୍ୱରୀୟ ଆରୋଗ୍ୟତା ହେଉଛି ସେହି ଚାରା ଯାହାକି ଏକ ମାଛଧରା କଣ୍ଟା ଉପରେ ଲାଗିଥାଏ ।" କହିଲେ, "ଆପଣ କଦାପି ସେହି କଣ୍ଟାକୁ ମାଛକୁ ଦେଖାନ୍ତି ନାହିଁ । ଆପଣ ତାକୁ ଚାରା ଦେଖାନ୍ତି, ଏବଂ ତାହାପରେ ସେ ସେହି ଚାରା ପଛରେ ପଡିଯାଏ ଓ ପରେ କଣ୍ଟାରେ ଲାଗିଯାଏ ।" ତେଣୁ ତାହାହିଁ ଅଟେ ଯାହାକି ଆମେ କରିବାକୁ ଚେଷ୍ଟା କରୁଛୁ ତାହା ଆମର…ଆମେ…ଆମର ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନିକଟରେ ଆଣି ପହଞ୍ଚାଇବା । ଏବଂ ସେ ଗତକାଲି, ଆଜି, ଏବଂ ଚିରକାଳ ସମାନ

ଅଟନ୍ତି। ତେଣୁ ଯଦି ସେ ଅତୀତ ଦିନଗୁଡ଼ିକରେ ଆରୋଗ୍ୟକାରୀ ଥିଲେ, ସେ ଆଜି ମଧ୍ୟ ଆରୋଗ୍ୟକାରୀ ଅଟନ୍ତି।

30 ରେଡିଓ ପ୍ରସାରଣରେ ଥିବା ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା ପୂର୍ବରୁ କେବଳ ଏକ ବ୍ୟକ୍ତିଗତ ସାକ୍ଷ୍ୟ ଦେଉଛି। ଏହା କିଛି ଦିନ ପୂର୍ବରୁ ହୋଇଥିଲା, ଯେ ମୁଁ ଏକ ପର୍ବତରେ ପନ୍ଦର କିମ୍ବା କୋଡ଼ିଏ ଜଣ ଭାଇମାନଙ୍କ ସମ୍ମୁଖରେ ସେଠାରେ ବସିଥିଲି ଯେଉଁଠାରେ ଏକ ବଡ଼ ଘଟଣା ଘଟିଥିଲା, ଯେଉଁଠାରେକି ସଦାପ୍ରଭୁଙ୍କର ଦୂତ ଏତେ ତଳକୁ ଓହ୍ଲାଇ ଆସିଥିଲେ, ଏବଂ ବୃହତ୍ ପ୍ରକାଶ ଗୋଟିଏ ଧୂମକେତୁ ପରି ଉଡ଼ିଯାଇ, ପର୍ବତର ଚାରିପାଖରେ ବିସ୍ଫୋଟ ହୋଇଥିଲା, ଏବଂ ପଥରଗୁଡ଼ିକ ଦୁଇ ଶହ ଫୁଟ, କିମ୍ବା ଅଧିକ, ସେଠାରେ ଉଡି ଯାଇଥିଲା, ଓ ଗଛଗୁଡ଼ିକର ଉପରିସ୍ଥ ଭାଗକୁ କାଟି ଦେଇଥିଲା। ଏବଂ ମୁଁ ଠିକ୍ ତାହାର ତଳେ ଛିଡ଼ା ହେଇଥିଲି। ଏବଂ ଏହା ଘଟିବାର କିଛି ମାସ ପୂର୍ବରୁ ତାହା ସେମାନଙ୍କୁ କହି ଦେଇଥିଲି, ଯେ ଏହା ସେଠାରେ ରହିବ ଏବଂ କଅଣ ଘଟିତ ହେବ; ଖୋଲାଖୋଲି ଭାବରେ, ଏହା ହେବାର ଗୋଟିଏ ଦିନ ପୂର୍ବରୁ କୁହାଯାଇଥିଲା। ଏବଂ ଏହି ସମସ୍ତ ବ୍ୟକ୍ତିମାନେ ଦୂରେଇ ଯିବାକୁ ଚେଷ୍ଟା କରି, ଟ୍ରକ୍ ଓ ସବୁକିଛି ତଳେ ଦୌଡି ଯାଇଥିଲେ। ସେମାନେ ଜାଣି ନ ଥିଲେ ଯେ କଅଣ ଘଟିତ ହୋଇଥିଲା। ଏବଂ ସେ କଥା ହୋଇଥିଲେ ଓ କହିଲେ ଯେ ତାହାର ଠିକ୍ ପରେ ପରେ ତୁରନ୍ତ କଅଣ ଘଟିତ ହେବ।

31 ସେଠାରେ ଏହି ନିର୍ଦ୍ଦିଷ୍ଟ ପଥର ଉପରେ ବସି, ଠିକ୍ ଯେଉଁଠାରେକି ସେ ଦେଖା ଦେଇଥିଲେ, ମୋର ଜଣେ—ଜଣେ ବନ୍ଧୁ ଥିଲେ ଯିଏକି ଆମ ସହିତରେ ଥିଲେ, ଯିଏକି ଉପର ମିନେସୋଟାରୁ ତଳକୁ ଆସିଥିଲେ। ତାଙ୍କର ଲୋକମାନେ ଆଜି ସକାଳେ ଏଠାରେ ଅଛନ୍ତି ଏବଂ ମୁଁ ସୁନିଶ୍ଚିତ ନୁହେଁ ମାତ୍ର ସେ ଏଠାରେ ଅନ୍ୟ କୌଣସି ମହଲାରେ ଥାଇପାରନ୍ତି। ଏହା ଥିଲେ ଡୋନାଭନ୍ ୱିର୍ଟସ୍, ଏବଂ ଜଣେ ଉତ୍ତମ ଯୁବା ବ୍ୟକ୍ତି, ଜଣେ ଲୁଥରାନ୍ ଯିଏକି ଅଳ୍ପ ଦିନ ହେବ ଖ୍ରୀଷ୍ଟଙ୍କୁ ନିଜ ଜୀବନ ଦେଇଥିଲେ ଓ ଆତ୍ମାରେ ପରିପୂର୍ଣ୍ଣ ହୋଇଥିଲେ। ଅତି ବିନମ୍ର ଜର୍ମାନ ବାଳକଟିଏ, ପ୍ରାୟଃ ତିରିଶ ବର୍ଷ ବୟସର, ପରିବାର ଅଛି, ଦୁଇଟି କିମ୍ବା ତିନୋଟି ସାନ ପିଲା ଅଛନ୍ତି। ସେ ଟ୍ୟୁସାନ୍‌କୁ ସ୍ଥାନାନ୍ତରିତ ହୋଇ ଚାଲି ଆସିଲେ ଯେପରିକି ସେ ମୋ ସହିତ ପଡ଼ୋଶୀ ହୋଇ ରହିପାରନ୍ତି, ଯେଉଁଠାରେକି ତିନି କିମ୍ବା ଚାରି ଶହ ଲୋକ ପଡୋଶୀ ହୋଇ ରହିବା ପାଇଁ ଚାଲି ଆସିଥିଲେ। ତେଣୁ ସେ…

32 ଏବଂ ମୁଁ ସେହିପରି ପଡ଼ୋଶୀମାନଙ୍କୁ ପାଇଥିବାରୁ ଆନନ୍ଦିତ ଅଟେ। ସେମାନେ ମୋତେ ସମଗ୍ର ଦକ୍ଷିଣ ଆଫ୍ରିକାରୁ, ଏବଂ ସବୁଆଡୁ ଅନୁସରଣ କରିଛନ୍ତି, କେବଳ ନିକଟତର ହେବା ପାଇଁ ଏବଂ ମୋ ସହିତ…ଦେଖିବା ପାଇଁ, ଏବଂ ମୋ ସହିତ ରହିବା ପାଇଁ ଆଉ ପ୍ରଭୁଙ୍କର ଆନନ୍ଦକୁ ଉପଭୋଗ କରିବା ପାଇଁ ରହିଛନ୍ତି।

ଏପରି ବିନମ୍ର ବ୍ୟକ୍ତି ଜଣେ, ମୁଁ ତାଙ୍କୁ କେବେବି ଧ୍ୟାନ ଦେଇ ନ ଥିଲି।

33 ଅବଶ୍ୟ, ଯେଉଁ ଲୋକମାନଙ୍କୁ ମୁଁ ଜାଣେ ଏବଂ ଯାହାଙ୍କ ସହିତ ଜଡିତ ଅଟେ, ସେମାନେ ମୋର ନିଜ ଭାଇ ଓ ଭଉଣୀ ପରି ଅଟନ୍ତି। ମୁଁ ସେମାନଙ୍କୁ ଦେଖେ, ଏବଂ ଦେଖେ ଯେ କିଏ, ଯଦି ମୁଁ ଭାବୁଛି ଯେ ସେମାନେ ରେଖାରୁ ବାହାରି ଯାଉଛନ୍ତି, ଓ ସେମାନଙ୍କୁ ଗୋଟିଏ ପାର୍ଶ୍ୱକୁ ନେଇ ସେମାନଙ୍କ ସହିତ କଥାବାର୍ତ୍ତା କରେ, କାରଣ ମୁଁ ସେମାନଙ୍କୁ ପ୍ରେମ କରେ। ଆମେ ମହିମାରେ ଏକାଠି ରହିବାକୁ ଚାହୁଁ। ଏବଂ ବେଳେବେଳେ ବୋଧହୁଏ, ସଭାଗୁଡ଼ିକରେ, ଆପଣ ଭାବୁଥିବେ ଯେ ମୁଁ ଆପଣମାନଙ୍କ ସହିତ କଠୋର କଥା କହୁଛି। ତାହା ସେଠାରୁ ନୁହେଁ...ତାହା ଏଇଥି ପାଇଁ ନୁହେଁ ଯେ ମୁଁ ଆପଣମାନଙ୍କୁ ପ୍ରେମ କରେ ନାହିଁ, କିନ୍ତୁ ଏହା ମୋ ହୃଦୟରୁ ଆସିଥାଏ, କାରଣ ମୁଁ—ମୁଁ...ଏହା ନିଶ୍ଚିତରେ କେବଳ ଗୋଟିଏ ଉପାୟ ହିଁ ହେବା ଉଚିତ୍। ପରମେଶ୍ୱରଙ୍କ ସେବା କରିବାର କେବଳ ଗୋଟିଏ ଉପାୟ ଅଛି, ଏବଂ ତାହା ହେଉଛି...ଆଉ ଆମକୁ ତାହାଙ୍କ ମାର୍ଗରେ ରହିବା ଆବଶ୍ୟକ ଅଟେ, ଆମର ଚିନ୍ତାଧାରା ଯାହା ହେଉନା କାହିଁକି। ତାଙ୍କର ପଥ!

34 ଏବଂ ମୁଁ ଲକ୍ଷ୍ୟ କଲି ଯେ ଡୋନାଭନ୍, ତାଙ୍କ କାନର ଡାହାଣ ପାର୍ଶ୍ୱରେ, ତାହାର ଆକାର ବୋଧହୁଏ ତିନି ଗୁଣ ଫୁଲି ଯାଇଥିଲା, ଏବଂ ବହୁତ ଲାଲ ଦେଖାଯାଉଥିଲା। ତେବେ, ବର୍ତ୍ତମାନ ଭାବିଲି ଯେ ବୋଧହୁଏ ତାହା, ସେଠାରେ କିଛି ଦିନ ମରୁଭୂମିରେ, ଯେଉଁଠାରେ ଆମେ ରହିଥିଲୁ, ବୋଧହୁଏ ତାଙ୍କ କାନରେ କିଛି ସପ୍ତଫେଣୀ କଣ୍ଟା ଲାଗି ଯାଇଥିଲା। କିନ୍ତୁ, ତାଙ୍କ ହାତ ଧରିଲା ପରେ, ମୁଁ ଜାଣିଲି ଯେ ଏହା ଏକ କର୍କଟ ରୋଗ ଥିଲା। ତେଣୁ ମୁଁ ଡୋନାଭନ୍‌କୁ କହିଲି, ମୁଁ କହିଲି, "ଡୋନାଭନ୍, କଅଣ ତୁମର...ତାହା ତୁମ କାନରେ କେତେ ଦିନ ହେଲା ରହିଆସିଛି?" ତାଙ୍କର ଏକ ପ୍ରକାର ଅନ୍ୟ ଆଡକୁ ଧ୍ୟାନ ନେଇଯିବା ପାଇଁ, ଯେପରିକି ମୁଁ ତାହା ଜାଣେ ନାହିଁ। ମୁଁ କହିଲି, "ଡୋନାଭନ୍, ତାହା ତୁମ କାନରେ ସେଠାରେ କେତେ ଦିନ ହେଲା ରହିଆସିଛି?"

ସେ କହିଲେ, "ଭାଇ ବ୍ରାନହାମ୍, ପ୍ରାୟଃ ଛଅ ମାସ ହେବ," ସେ କହିଲେ।

ମୁଁ କହିଲି, "ତୁମେ କାହିଁକି ଏହାକୁ ମୋତେ ଜଣାଇଲ ନାହିଁ?"

35 ସେ କହିଲେ, "ଓଃ, ଆପଣଙ୍କୁ ଏତେ ବ୍ୟସ୍ତ ଥିବାର ଦେଖି," କହିଲେ, "ମୁଁ ତାହା କରିବାକୁ—କୁ ଚାହିଁଲି ନାହିଁ।" କହିଲେ, "ମୁଁ କେବଳ ଭାବିଲି ବୋଧହୁଏ କୌଣସି ସମୟରେ ପ୍ରଭୁ ଆପଣଙ୍କୁ ଜଣାଇପାରନ୍ତି।"

ତେଣୁ ମୁଁ କହିଲି, "କଅଣ ତୁମେ ବୁଝିପାରୁଛ ଯେ ତାହା କଅଣ ଅଟେ?"

ସେ କହିଲେ, "ମୋର ଏକ ଭଲ ଧାରଣା ଅଛି।"

ମୁଁ କହିଲି, "ତାହା ଠିକ୍ ଅଟେ।"

36 ଏବଂ ଦ୍ୱିତୀୟ ସକାଳରେ, ତାହାଠାରୁ ଅଧିକ କିଛି ନୁହେଁ, ସେହି ବାଳକଟିକୁ ହାତରେ ଧରିଥିଲି, ଦ୍ୱିତୀୟ ଦିନ ସକାଳେ, ତାଙ୍କ କାନରେ ଏପରିକି କୌଣସି ଦାଗଟିଏ ସୁଦ୍ଧା ନ ଥିଲା । ତାହା ସଂପୂର୍ଣ୍ଣଭାବେ ଚାଲି ଯାଇଥିଲା ।

37 ଅନେକ ଥର ଆମେ ଚାପ ପକାଇଥାଉ, ଏବଂ *ଏହା, ତାହା* ପାଇବାକୁ ଚେଷ୍ଟା କରିଥାଉ । କିମ୍ବା…ଦେଖନ୍ତୁ, ଏହା, "ଏହି ଚିହ୍ନଗୁଡିକ ବିଶ୍ୱାସୀର ଅନୁଗାମୀ ହେବ ।" ଏହା କହିନାହିଁ ଯେ "ଯଦି ସେମାନେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବେ ।" "ଯଦି ସେମାନେ ରୋଗୀମାନଙ୍କ ଉପରେ ହାତ ରଖିବେ, ସେମାନେ ସୁସ୍ଥ ହୋଇଯିବେ!" ଆମେ ଯାହା କରୁଅଛୁ, ସେଥିରେ ଆମର ସ୍ୱୟଂର, ବିଶ୍ୱାସ ରହିବା ଆବଶ୍ୟକ । ଠିକ ଅଛି ।

38 ତେଣୁକରି ବର୍ତ୍ତମାନ ଡୋନାଭନ୍ ବୋଧହୁଏ ଏଠାରେ ଅଛନ୍ତି । ଆପଣ ତାଙ୍କୁ ଭେଟିବେ । ସେ ଏଠାରେ ରହିବେ, ଯଦି ସେ ଆଜି ସକାଳେ ଏଠାରେ ନାହାଁନ୍ତି, ଅନ୍ୟ କୌଣସି ମହଲାରେ ଥିବେ । ଆପଣ ତାଙ୍କୁ ଭେଟିବେ, ଏବଂ ସେ ସେହି ସାକ୍ଷ୍ୟକୁ ଜଣାଇବେ ।

39 ପୁଣି ମୁଁ ଆଉ ଅଧିକ କଅଣ ବା କହିପାରେ? ମୁଁ ବିଶ୍ୱାସ କରେ ଯେ ଲୂକ, କିମ୍ବା ଯୋହନ, କେହି ଜଣେ, କହିଛନ୍ତି ଯେ ଜଗତ ଧାର-…ଧାରଣ କରିପାରିବ ନାହିଁ, ସେହି ପୁସ୍ତକଗୁଡିକୁ ଧାରଣ କରିପାରିବ ନାହିଁ ଯାହାକି ସେହି କାର୍ଯ୍ୟଗୁଡିକ ବିଷୟରେ ଲେଖାଯାଇପାରେ ଯାହା ଏହି ଶେଷ ଦିନରେ ଲୋକମାନଙ୍କ ମଧ୍ୟରେ ସେ କରିଅଛନ୍ତି; ଯେ ରୋଗୀମାନେ କିପରି ସୁସ୍ଥ କରାଗଲେ, ହଜାର ହଜାର ସଂଖ୍ୟାରେ, ମଦ୍ୟପମାନେ କିପରି ରକ୍ଷାପ୍ରାପ୍ତ ହେଲେ, ଏବଂ ସମସ୍ତ ପ୍ରକାର ରୋଗ ଏବଂ ଦୁଃଖରୁ ମୁକ୍ତି ପାଇଲେ ।

40 ତେବେ, ଆପଣ ଯେଉଁମାନେକି ରେଡିଓ ପ୍ରସାରଣରେ, ଏବଂ ଏଠାରେ ଅଛନ୍ତି, ମୁଁ ଏଠାରେ ଏକ ବହୁତ ଆଞ୍ଜୁଳାପୂର୍ଣ୍ଣ ଅନୁରୋଧଗୁଡିକ ଧରିଅଛି ଯାହାକି ଆଜି ସକାଳେ ଫୋନ୍ ଯୋଗେ ଆସିଥିଲା, ଯାହାକି ଘଣ୍ଟି ନିରନ୍ତର ବାଜିଥିଲା ଯେଉଁ ସମୟରୁ ଆମେ ଏଠାରେ ରହିଅଛୁ । ଏବଂ ତେଣୁକରି ଆମେ…ଆମେ ଏଠାରେ ରହିଥିବା ସମୟଠାରୁ, ଆଜି ସକାଳରୁ ଏକ ଶହ ଛୟା-ନବେ ଅନୁରୋଧମାନ ଫୋନ୍ ଯୋଗେ ଆସିଅଛି । ତେଣୁ ଆସନ୍ତୁ ଆମେମାନେ ବର୍ତ୍ତମାନ ପ୍ରାର୍ଥନାରେ ଯୋଗଦେବା ଯେତେବେଳେକି ପ୍ରତ୍ୟେକଜଣ… ଆପଣ ଦେଶରେ, ଯେଉଁଠାରେବି ଅଛନ୍ତି, ପରସ୍ପର ଉପରେ ନିଜ ନିଜର ହାତ ରଖନ୍ତୁ, ଯଦି ଆପଣ ବିଶ୍ୱାସୀ ଅଟନ୍ତି । ଯଦି ନୁହଁନ୍ତି, ତେବେ ବାଇବଲ ଉପରେ କିମ୍ବା ସେଠାରେ ଥିବା କୌଣସି ବିଷୟ ଉପରେ ନିଜର ହାତକୁ ରଖନ୍ତୁ, ଯେତେବେଳେକି ଆମେ ଏଠାରେ ଏବଂ ସେଠାରେ ପ୍ରାର୍ଥନା କରୁଅଛୁ ।

41 ପ୍ରିୟ ସ୍ୱର୍ଗୀୟ ପିତା, ଡୋନାଭନ୍ ୱିର୍ଟସ୍‌ଙ୍କ ସେହି ଛୋଟ ସାକ୍ଷ୍ୟ, ପ୍ରଭୁ, ହଜାର ହଜାର ମଧ୍ୟରୁ କେବଳ ଗୋଟିଏ, ଯାହାକି ତୁମେ ଏତେ ଅନୁଗ୍ରହ କରି…ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଏଠାରେ ଏବଂ ରେଡିଓ ପ୍ରସାରଣରେ ଥିବା ଲୋକମାନଙ୍କ ହୃଦୟଗୁଡିକୁ ଦୃଷ୍ଟି କରିବ । ଏବଂ ଏହା ହେଉ ଯେ ସେମାନେ, ପ୍ରତ୍ୟେକ ଜଣ, ସୁସ୍ଥ ହୁଅନ୍ତୁ । ଏହା ହେଉ ଯେ ସେହି

ମନ୍ଦ ବିଷୟ ସେମାନଙ୍କୁ ଛାଡି ଦେଉ, ଏବଂ ସେମାନେ ସେମାନଙ୍କର ସମସ୍ତ ଦୁଃଖରୁ ଉଦ୍ଧାର ପାଆନ୍ତୁ । ପିତା, ଏହାକୁ ପ୍ରଦାନ କର । ତୁମର ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମେ ଏହାକୁ ମାଗୁଅଛୁ । ଆମେନ୍ ।

ହେ ପ୍ରଭୁ, ଧନ୍ୟବାଦ…[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]

[ଭାଇ ବ୍ରାନହାମ୍ ଦ୍ୱିତୀୟ ରେଡିଓ ପ୍ରସାରଣକୁ ଶେଷ କରନ୍ତି—ସମ୍ପା ।]

* * * * * * *

42 ତେବେ, ଏହା ଆଜି ସକାଳେ ମୋ ପାଇଁ ତୃତୀୟ ଥର ଅଟେ । ମୋର ପ୍ରଭୁ! ଏବଂ, ଆପଣମାନେ ଜାଣନ୍ତି, ଏହା କେବଳ କୁହାଯାଇଥିଲା ଯେ ଆମକୁ ପ୍ରାୟଃ ବାର, ଚଉଦ ମିନିଟ୍ କିମ୍ବା ସେପରି କିଛି ଭିତରେ ଏହି ଭବନକୁ ଖାଲି କରିବାକୁ ଅଛି । ଏବଂ ପ୍ରବନ୍ଧନ କହିଲେ ଯେ, ଯିଏକି ସେଠାରେ ଅନ୍ୟ ମହଲାରେ ଅଛନ୍ତି, ଏବଂ ସେମାନେ କୌଣସି ଭୋଜନ ପରିବେଷଣ କରିପାରିବେ ନାହିଁ । ଆମର ଭୋଜନ ଲମ୍ବା ହୋଇଗଲା । ଆମର ଅନେକ ପର୍ଯ୍ୟାୟମାନ ରହିଅଛି, ଆପଣ ଜାଣନ୍ତି । ତେଣୁ ଆମେ ଅତ୍ୟନ୍ତ, ଅତ୍ୟନ୍ତ ଆନନ୍ଦିତ ଅଟୁ ଯେ ଆମର ଏହି ମହାନ ଆତ୍ମିକ, ପେଟ ଭରା ଜୟନ୍ତୀ ରହିଥିଲା, ଯେପରିକି ମୁଁ ଏହାକୁ କହିବି, ଆଜି ସକାଳେ ଏଠାରେ ଏହି ଉତ୍ତମ ପୁରୁଷମାନଙ୍କର ସମୂହ ସହିତ ।

43 ମୁଁ ଏଠାରେ ଏହା ଉଲ୍ଲେଖ କରିବାକୁ—କୁ ଚାହିଁବି ଯେ ଆମର…ସେବାଗୁଡିକ ପୁନର୍ବାର, ଆସନ୍ତାକାଲି ଅପରାହ୍ନରେ, ଏମ୍ବେସୀରେ ଅଛି । ତେବେ, ଆମେ ସେଠାରେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା, ଏବଂ ପରମେଶ୍ୱରଙ୍କୁ ଆମ ସହିତରେ ସାକ୍ଷାତ କରିବା ନିମନ୍ତେ ଆଶା କରିବା । ଏବଂ ମୁଁ ମୋର ଭାଗକୁ, ମୋର ସେବାକାର୍ଯ୍ୟକୁ, ଏହି ସଭାକୁ ସଫଳ କରିବା ନିମନ୍ତେ (ଯାହା ସବୁ ଆମେ କରିପାରୁ) ଯୋଗଦାନ କରିବାକୁ ଆସିଛି । ଏଥି ପାଇଁ ଏକ ସଫଳତା ନୁହେଁ ଯେହେତୁ ଏହା ଆମର ସଭାଗୁଡ଼ିକ ଅଟେ ବୋଲି, ମାତ୍ର ଲୋକମାନଙ୍କର ଏକ ସଫଳତା ଯେ ସେମାନେ ଯୀଶୁ ଖ୍ରୀଷ୍ଟଙ୍କୁ ଖୋଜି ପାଆନ୍ତି । ତାହା ହେଉଛି ସଫଳତା । ଯେକୌଣସି ସଭା, ଏଥିରେ କିଛି ଯାଏ ଆସେ ନାହିଁ ଯେ ଆମେ ପରମେଶ୍ୱରଙ୍କୁ କେତେ ପ୍ରଶଂସା କରୁ, ଆମେ ତାହାଙ୍କୁ କେତେ ମହାନ ବିଷୟସବୁ କରୁଥିବାର ଦେଖୁ, ସେ ଆମମାନଙ୍କ ସହିତ କେତେ ଥର ଆତ୍ମାରେ କଥାବାର୍ତ୍ତା କରନ୍ତି, ଏବଂ ପ୍ରଭୃତି ସବୁ; ଯେପର୍ଯ୍ୟନ୍ତକି ସେଠାରେ କୌଣସି ବିଷୟ ସମ୍ପନ୍ନ ନ ହୁଏ, କେତେକ ପ୍ରାଣଗୁଡିକୁ ରାଜ୍ୟକୁ ନ ଅଣାଯାଏ!

44 ଏବଂ ଭାଇ ଶାକାରିଆନ୍ ବର୍ତ୍ତମାନ ହିଁ କେବଳ ଏକ—ଏକ ବାସ୍ତବିକ ବିବୃତ୍ତି ଦେଇଥିଲେ ଯେ ସେ ଆଜିର ଦିନଗୁଡିକ ବିଷୟରେ କଅଣ ଭାବନ୍ତି ଯେଉଁଥିରେକି ଆମେମାନେ—ଆମେମାନେ ବସବାସ କରୁଛୁ । ମୁଁ ତାହା ପ୍ରକୃତରେ ମୋର ସମସ୍ତ ହୃଦୟ ସହିତରେ ବିଶ୍ୱାସ କରେ, ଯେ ଆମେ ଶେଷ ସମୟରେ ରହୁଅଛୁ, ଠିକ୍ ସେହି—ଠିକ୍ ସେହି ସନ୍ଧ୍ୟାକାଳୀନ ଛାୟାରେ । ସୂର୍ଯ୍ୟ ବହୁତ ଆଗକୁ ଯାଇ ସାରିଲାଣି । ଏବଂ ଯେତେବେଳେ

ଆମେ ସେହି ବିଷୟଗୁଡ଼ିକୁ ହେଉଥିବାର ଦେଖୁ ଯେପରିକି ତାହା ଆଜି ଅଟେ, କାହିଁକି, ଏହା କହିବା କଷ୍ଟକର ଯେ ଅନ୍ୟ ପୀଢୀ କଅଣ ନେଇକି ଆସିବ । ଅଳ୍ପ କିଛି ଦିନ ପୂର୍ବରୁ...

45 ମୋତେ ଆପଣଙ୍କୁ କିଛି ଗୋଟାଏ ଭିତର କଥା ଟିକିଏ କହିବାକୁ ଦିଅନ୍ତୁ । ସେମାନେ ସମଗ୍ର ଆରିଜୋନା ସାରା, ଯେଉଁଠାରେ ମୁଁ ରହେ, ସମସ୍ତ ବିଦ୍ୟାଳୟର ଏକ ବିଶ୍ଳେଷଣ କରିଥିଲେ । ସେମାନେ ପିଲାମାନଙ୍କୁ, ସେମାନଙ୍କର ଅଜଣାତରେ, ଏକ ମାନସିକ ପରୀକ୍ଷା ଦେଇଥିଲେ । ଏବଂ ଅନୁମାନ କରନ୍ତୁ ଯେ କଅଣ? ଉଚ୍ଚ ବିଦ୍ୟାଳୟଗୁଡିକ ଅନ୍ତର୍ଭୁକ୍ତ ଏବଂ—ଏବଂ ବ୍ୟାକରଣ ବିଦ୍ୟାଳୟଗୁଡିକୁ ନେଇ, ସେଠାରେ ଅଶୀ ପ୍ରତିଶତ ପିଲାମାନେ ଥିଲେ ଯେଉଁମାନେକି ମାନସିକ ଅଭାବରୁ ପୀଡିତ ଥିଲେ । ସେମାନଙ୍କ ମଧ୍ୟରୁ ସତୁରି ପ୍ରତିଶତ ଟେଲିଭିଜନ ଦେଖୁଥିଲେ । ଦେଖନ୍ତୁ, ମନ୍ଦତା, ସେମାନେ କେବଳ ଚୁପ୍ ଚାପ୍ ଆମ ଉପରକୁ ଆସିଯାଇଛନ୍ତି ଏବଂ ଆମେ ଜାଣୁ ନାହୁଁ...ଆପଣ ଆଶ୍ଚର୍ଯ୍ୟ କରନ୍ତି ଯେ ତାହା କାହିଁକି ଆସେ । ଆପଣ ପରମେଶ୍ୱରଙ୍କ ସ୍ୱରକୁ ତାହାର ବିରୁଦ୍ଧରେ ଚିତ୍କାର କରୁଥିବାର ଶୁଣିପାରନ୍ତି, ଏବଂ ତଥାପି ଏଠାରେ ଆମେ—ଆମେ ନିଜକୁ ଏଥି ସହିତ ଜାଲରେ ଫସି ଯାଇଥିବାର ପାଉ ।

46 ମୋତେ ଆପଣମାନଙ୍କୁ ଏକ ଆଶ୍ଚର୍ଯ୍ୟଜନକ ବିଷୟ କହିବାକୁ ଦିଅନ୍ତୁ । ଦେଖନ୍ତୁ, "ସେସମସ୍ତେ ଯେଉଁମାନେକି ମୋତେ, 'ପ୍ରଭୁ, ପ୍ରଭୁ,' ବୋଲି କୁହନ୍ତି ପ୍ରବେଶ କରିବେ ନାହିଁ; ମାତ୍ର ଯିଏ ମୋହର ପିତାଙ୍କର ଇଚ୍ଛାକୁ ପୂରଣ କରେ ।" ତାହାଙ୍କର ଇଚ୍ଛା ହେଉଛି ତାହାଙ୍କର ବାକ୍ୟ । ଆମେ ଏହି ସଭାଗୁଡ଼ିକରେ, ସର୍ବଦା ଏତେ ଧାର୍ମିକ ହୋଇପାରୁ, ବହୁତ ଭଲ ସମୟ ଅତିବାହିତ କରିପାରୁ, ଚିତ୍କାର କରିପାରୁ, ଡେଇଁ ପାରୁ, ଯାହାକି ଆମେ...ମୁଁ ନାହିଁ—ମୁଁ ସମାଲୋଚକ ହେବାକୁ ଚାହେଁ ନାହିଁ । କିନ୍ତୁ ମୋର ପରମେଶ୍ୱରଙ୍କ ପ୍ରତି କରିବା ପାଇଁ ଏକ—ଏକ କର୍ତ୍ତବ୍ୟ ଅଛି, ଏବଂ ସେହି କର୍ତ୍ତବ୍ୟ ହେଉଛି ନିଷ୍ଠାବାନ ରହିବା ଏବଂ ତାହା କହିବା ଯାହା ସେ ଚାହାଁନ୍ତି ଯେ ମୁଁ କୁହେ । ଏବଂ ମୁଁ—ମୁଁ ନିଶ୍ଚିତରେ କାଲିଫର୍ଣିଆ ଅଧ୍ୟାୟ ପାଇଁ କୃତଜ୍ଞ ଅଟେ ଯେଉଁମାନେକି ମୋ ସହିତ ମୋର ବିଶ୍ୱାସମତରେ—ରେ ସହମତ ହୋଇଛନ୍ତି । ଯଦି ମୁଁ ମୋର ବିଶ୍ୱାସମତ କଥା କୁହେ ନାହିଁ, ତେବେ ମୁଁ ଜଣେ କପଟୀ ଅଟେ ଏବଂ ନୁହେଁ, ଏପରିକି ମୁଁ ଆପଣମାନଙ୍କ ସହିତ ସୁଦ୍ଧା ସଚ୍ଚୋଟ ନୁହେଁ । ଏବଂ ଯଦି ମୁଁ ଆପଣମାନଙ୍କ ସହିତ ସଚ୍ଚୋଟ ହୋଇପାରେ ନାହିଁ, ତେବେ ମୁଁ କିପରି ଭାବରେ ପରମେଶ୍ୱରଙ୍କ ସହିତ ସଚ୍ଚୋଟ ରହିବି? କାରଣ ମୁଁ ଆପଣମାନଙ୍କୁ ଦେଖେ ଓ ଆପଣମାନଙ୍କ ସହିତ କଥାବାର୍ତ୍ତା କରେ । ଅବଶ୍ୟ, ଆମେ ପରମେଶ୍ୱରଙ୍କ ପ୍ରତି, ମଧ୍ୟ, କରିଥାଉ, କିନ୍ତୁ ଆମକୁ ପ୍ରକୃତରେ ପରସ୍ପର ପ୍ରତି ନିଷ୍ଠାବାନ ଏବଂ ସଚ୍ଚୋଟ ରହିବାକୁ ଅଛି । ଆମେ ନିଶ୍ଚିତ ଭାବରେ ଏକ—ଏକ ଭୟଙ୍କର, ଭୟଙ୍କର ଯୁଗରେ ଅଛୁ । ଏବଂ କଅଣ ଆପଣ କେବେ ବନ୍ଦ କରିଛନ୍ତି...

47 ମୋତେ କେବଳ ଆପଣମାନଙ୍କୁ ମାତ୍ର ଏକ ଛୋଟ ବିଶ୍ଳେଷଣଟିଏ ଦେବାକୁ ଦିଅନ୍ତୁ । "ସେସମସ୍ତେ ଯେଉଁମାନେ ମୋତେ, 'ପ୍ରଭୁ, ପ୍ରଭୁ,' ବୋଲି କୁହନ୍ତି ଏଥିରେ ପ୍ରବେଶ କରିବେ ନାହିଁ; ମାତ୍ର ଯିଏ ମୋହର ପିତାଙ୍କର ଇଚ୍ଛାକୁ ପୂରଣ କରେ ।" ଯୀଶୁ ଧରାପୃଷ୍ଠରେ, କହିଲେ,

"ମଣିଷ କେବଳ ରୁଟି ଦ୍ୱାରା ବଞ୍ଚିବ ନାହିଁ, ବରଂ ପ୍ରତ୍ୟେକ ବାକ୍ୟ ଦ୍ୱାରା ବଞ୍ଚିବ ।" ପ୍ରତ୍ୟେକ ବାକ୍ୟ! ତେବେ ଠିକ ସେଦିନ ଏବଂ ତାହାପରେ କେବଳ, ଏକ ବାକ୍ୟ ନୁହେଁ, କିନ୍ତୁ ପ୍ରତ୍ୟେକ ବାକ୍ୟ ଦ୍ୱାରା ।

48 ଏହା ପରମେଶ୍ୱରଙ୍କ ଦ୍ୱାରା...ପରମେଶ୍ୱରଙ୍କ ଆଜ୍ଞାଗୁଡ଼ିକର, ଗୋଟିଏ ବାକ୍ୟକୁ ଅବିଶ୍ୱାସ କରାଯାଇଥିବା ଦ୍ୱାରା, ପରମେଶ୍ୱରଙ୍କ ବାକ୍ୟ, ଗୋଟିଏ ବାକ୍ୟକୁ ହରାଇବା, ତାହା ମୃତ୍ୟୁ, ଦୁଃଖ, ଏବଂ ପ୍ରତ୍ୟେକ ଅସୁସ୍ଥତା ଏବଂ ହୃଦଘାତକୁ ନେଇ ଆସିଥିଲା! ଯଦି ସେ ମାନବ ଜାତିକୁ ମୃତ୍ୟୁକୁ ନେଇଗଲେ, ଗୋଟିଏ ବାକ୍ୟକୁ ଅବିଶ୍ୱାସ କରିବା ଦ୍ୱାରା, ହରାଇବା ଦ୍ୱାରା, "ନିଶ୍ଚିତ," ନିଶ୍ଚିତରେ । କିନ୍ତୁ ସେ କହିଥିଲେ ଯେ ଏହା ଘଟିବ । ଶୟତାନ କହିଲା, "ଅବଶ୍ୟ ଏହା ହେବ ନାହିଁ ।" କିନ୍ତୁ ତାହା ହେଲା ।

49 ତେଣୁ, ଆମକୁ ପରମେଶ୍ୱରଙ୍କ ପ୍ରତ୍ୟେକ ବାକ୍ୟକୁ ପାଳନ କରିବାକୁ ପଡିବ । ଏବଂ ଯଦି ଭୁଲ ବୁଝାମଣା ଦ୍ୱାରା, ମଣିଷ ଓ ଏହି ସମସ୍ତ ଦୁଃଖ ଏବଂ ଏହି ବିଷୟମାନ ଯାହା ମାନବ ଜାତି ଉପରେ ଆସିଥିଲା, କିମ୍ବା—କିମ୍ବା ଗୋଟିଏ ବାକ୍ୟକୁ ଅବିଶ୍ୱାସ କରିବା ଦ୍ୱାରା, ତାହାହେଲେ ଆମେ ଗୋଟିଏକୁ ହରାଇ ଦେଇ କିପରି ଭାବରେ ଫେରିଯିବାକୁ ଯାଉଅଛୁ, ଯଦି ଏହା ଏହି ସମସ୍ତ ମୂଲ୍ୟ ଆବଶ୍ୟକ କରିଥିଲା, ଏପରିକି ତାହାଙ୍କ ପୁତ୍ରଙ୍କର ଜୀବନ ମଧ୍ୟ?

*...ଅନେକେ ଆହୂତ,...ଅଳ୍ପ ମନୋନୀତ ।*

*...ଅନେକେ ଆହୂତ,...ଅଳ୍ପ ମନୋନୀତ ।*

50 ମୁଁ ଏଥିରୁ ଏକ ମୂଳପାଠ ନେଇପାରେ ନାହିଁ, ମାତ୍ର, ଯେହେତୁ ଆମର ସମୟ ନାହିଁ, କିନ୍ତୁ କେବଳ ଆପଣଙ୍କଠାରେ କିଛି ଛାଡିଯିବା ହେତୁ ।

51 ଆସନ୍ତୁ ତାହା ବିଷୟରେ ଚିନ୍ତା କରିବା...ମୁଁ ଦିନେ ଭାଇ ଶାକାରିଆନ୍‌ଙ୍କ ସହିତ ଯାଇଥିଲି, ଯେଉଁଠାରେ ସେମାନେ ପଶୁପଲକୁ ଶଙ୍କର କରାଉଥିଲେ । ଏବଂ ମୁଁ ଦେଖିଲି ସେହି—ସେହି...ସେହି ଗବେଷଣାଗାରରେ ଯେଉଁଠାକୁ ମୋତେ ଭାଇ ଶାକାରିଆନ୍ ନେଇ ଯାଇଥିଲେ । ଏବଂ ସେମାନେ ଅଣ୍ଡିରା ଗାଈ ଅର୍ଥାତ୍ ଗୋରୁର ଶୁକ୍ରାଣୁରେ, ଏକ ଛୋଟ କିଛି ବୁଡାଇଲେ...ଏକ ଛୋଟ ଯନ୍ତ୍ର ପରି, ଏକ ମେଳକ ଷ୍ଟେମ୍, ଏବଂ ସେହି ଶୁକ୍ରାଣୁର ଏକ ମେଞ୍ଚେ ନେଇ, ଏହି କାଞ୍ଚ ତଳେ ରଖିଲେ ଯାହାକି ଏହାକୁ ଶହେ ଗୁଣ ଅଧିକ ବଢ଼ାଇ ଦେଇଥିଲା । ଏବଂ ସେହି ଶୁକ୍ରାଣୁରେ, ଛୋଟ ଛୋଟ ଜୀବାଣୁଗୁଡିକ ଡେଇଁ ପଡୁଥିଲେ । ଯାହାକି, ଆମେ ଜାଣୁ ଯେ ସେହି ଜୀବାଣୁ ଅଣ୍ଡିରାରୁ ଆସିଥାଏ, ଏବଂ ଅଣ୍ଡା ମାଈଠାରୁ ଆସିଥାଏ । ଏବଂ ମୁଁ ସେଠାରେ ରସାୟନ ବିଜ୍ଞାନୀଙ୍କୁ ପଚାରିଲି, ମୁଁ କହିଲି, "କେଉଁ ବିଷୟ ସେହି ଛୋଟ ଜୀବଗୁଡିକୁ ସେହିପରି ଡେଇଁବାକୁ ପ୍ରବର୍ତ୍ତାଉ ଅଛି?"

ସେ କହିଲେ, "ତାହା ହେଉଛି—ତାହା ହେଉଛି ଛୋଟ ଛୋଟ ଷଣ୍ଢ ଏବଂ ବାଛୁରୀମାନ ।" ବୁଝିଲେ?

ଏବଂ ମୁଁ କହିଲି, "ସେହି ଛୋଟ ଟୋପାରେ?"

ସେ କହିଲେ, "ହଁ।"

52 ମୁଁ କହିଲି, "ବୋଧହୁଏ ତାହାହେଲେ ସମଗ୍ର ଶୁକ୍ରାଣୁରେ ସେମାନଙ୍କ ମଧ୍ୟରୁ ଦଶ ଲକ୍ଷ ରହିଥିବେ?"

ସେ କହିଲେ, "ଓଃ, ହଁ।" ବୁଝିଲେ? ତେବେ, ଧ୍ୟାନ ସହକାରେ ଦେଖନ୍ତୁ।

53 ତେବେ, ଯେତେବେଳେ ଏହି ମହତ୍ ଘଟଣା ଘଟେ, ସେଠାରେ ଗୋଟିଏ ଅଣ୍ଡା ସେହି ଦଶ ଲକ୍ଷ ମଧ୍ୟରୁ ଗୋଟିଏ ଜୀବାଣୁ ନିମନ୍ତେ ଅପେକ୍ଷା କରିଥାଏ। ଏବଂ ତାହା କେଉଁ ଜୀବାଣୁ ହେବ କିମ୍ବା ତାହା କେଉଁ ଅଣ୍ଡା ହେବ, ତାହା କେହି ହେଲେ କହିପାରିବେ ନାହିଁ। ଯଦି ଆପଣ ପ୍ରାକୃତିକ ଜନ୍ମକୁ ଦେଖିବେ, ଏହା ତ କୁମାରୀ ଜନ୍ମ ଅପେକ୍ଷା—ଅପେକ୍ଷା ଅଧିକ ରହସ୍ୟମୟୀ ଅଟେ। କାରଣ, ଏହି ଶୁକ୍ରାଣୁରେ, ସେଠାରେ ଜଣେ ଅଛି ଯାହାକି ବଞ୍ଚି ରହିବା ନିମନ୍ତେ ପୂର୍ବ ନିରୂପିତ ଅଟେ, ଏବଂ ବାକି ସମସ୍ତେ ମରିଯିବେ। ଏବଂ ଏହା ସେ ନୁହେଁ ଯିଏକି ପ୍ରଥମେ ସାକ୍ଷାତ କରେ; ଏହା ତ ସେ ଅଟେ ଯିଏକି ପ୍ରଥମେ ଅଣ୍ଡା ସହିତରେ ଏକତ୍ର ମିଶିକରି ଆସେ। ବୋଧହୁଏ ସେହି ଅଣ୍ଡାଟି ଶୁକ୍ରାଣୁର ପଛପଟରୁ, କିମ୍ବା ଶୁକ୍ରାଣୁର ମଧ୍ୟଭାଗରୁ ଉଠି ଆସିପାରେ; ସେହି ଜୀବାଣୁ, ସେହି ଅଣ୍ଡା ମଧ୍ୟ ସେହି ସମାନ ଭାବରେ କରିପାରେ। ସେହି ଜୀବାଣୁଟି ଗୁରୁଣ୍ଡି ଗୁରୁଣ୍ଡି ଅଣ୍ଡା ଭିତରେ ପଶିଯାଏ, ଏବଂ ସେଥିରୁ ତାର ଛୋଟ ଲାଞ୍ଜଟି ଖସିଯାଏ, ଏବଂ ସେଠାରୁ ମେରୁଦଣ୍ଡ ଆରମ୍ଭ ହୁଏ। ସେଠାରେ ସେହି ଦଶ ଲକ୍ଷର, ସମଗ୍ର ସମୂହରେ କେବଳ ଗୋଟିଏ ଅଛି, ଯାହାକି ଏହାକୁ କରିବାକୁ ଯାଉଅଛି, କେବଳ ଗୋଟିଏ; ଏବଂ ତାହା ମନୁଷ୍ୟ ପ୍ରତି, କୌଣସି ଅଜ୍ଞାତ ଶକ୍ତି ଦ୍ୱାରା ସ୍ଥିରୀକୃତ କରାଯାଏ। ତଥାପି ଆପଣ, ପ୍ରତ୍ୟେକ ଜଣ, ସମାନ ଅଟନ୍ତି, ସେହି ପ୍ରତ୍ୟେକ ଜୀବାଣୁଗୁଡ଼ିକ ସମ୍ପୂର୍ଣ୍ଣରୂପେ ସମାନ ଅଟେ। ପଶୁମାନଙ୍କରେ ସେହି ସମାନ ବିଷୟ ହୁଏ। ମଣିଷରେ ସେହି ସମାନ ବିଷୟ ହୁଏ। ଏହା ସ୍ଥିରୀକୃତ ହୋଇଥାଏ ଯେ ଏହା ପୁଅ, ଝିଅ, ଲାଲ କେଶ-ବିଶିଷ୍ଟ, କଳା କେଶ-ବିଶିଷ୍ଟ, କିମ୍ବା କଅଣ ହେବ। ଏହା ପରମେଶ୍ୱରଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥାଏ। ସମସ୍ତେ ପ୍ରାକୃତିକ ଭାବରେ, ସେହି ସମାନ ଦେଖାଯାଆନ୍ତି, କିନ୍ତୁ ସେଠାରେ ଗୋଟିଏ ହିଁ ଥାଏ ଯାହାକି ଜୀବନ ନିମନ୍ତେ ନିଯୁକ୍ତ କରାହୋଇଥାଏ; ଦଶ ଲକ୍ଷରେ ଗୋଟିଏ, ତଥାପି ସମସ୍ତେ ସମାନ ପରିକା ହିଁ ଥାଆନ୍ତି।

54 ଯେତେବେଳେ ଇସ୍ରାଏଲ ମିସର ଛାଡିଥିଲା, ସେତେବେଳେ ପ୍ରାୟଃ କୋଡିଏ ଲକ୍ଷ ଲୋକ ଏକା ସମୟରେ ଛାଡିଥିଲେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଗୋଟିଏ ଭବିଷ୍ୟଦ୍‌ବକ୍ତାଙ୍କର ବାର୍ତ୍ତା ଶୁଣିଥିଲେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଅଗ୍ନିସ୍ତମ୍ଭ ଦେଖିଥିଲେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ସୂଫ ସାଗରରେ, ମୋଶାଙ୍କଠାରେ ବାପ୍ତିଜିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଆତ୍ମାରେ—ରେ ପାଟି କରିଥିଲେ, ମିରିୟାମଙ୍କ ସହ, ଦାରା ବଜାଇଥିଲେ ଏବଂ ସାଗର ତଟରେ ଉପର ତଳ ଦୌଡି

ଯାଇଥିଲେ, ଯେତେବେଳେ ମୋଶା ଆତ୍ମାରେ ଗୀତ ଗାଇଥିଲେ। ସେମାନେ, ପ୍ରତ୍ୟେକ ଜଣ, ସେହି ସମାନ ଆତ୍ମିକ ଶୈଳରୁ ଜଳ ପାନ କରିଥିଲେ। ସେମାନେ, ପ୍ରତ୍ୟେକ ଜଣ, ପ୍ରତ୍ୟେକ ରାତିରେ ତାଜା ମାନ୍ନା ଖାଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ! ମାତ୍ର ସେଠାରେ ଦୁଇ ଜଣ ହିଁ ଦେଶକୁ ପ୍ରବେଶ କରିଥିଲେ, ଦଶ ଲକ୍ଷରୁ ଏକ।

55 ପରୀକ୍ଷାଟି କଅଣ ଥିଲା? ସେମାନେ ସମସ୍ତେ ସେହି ସମାନ ଶୈଳରେ ପାନ କରିଥିଲେ, ସେମାନେ ସମସ୍ତେ ସେହି ସମାନ ଆତ୍ମିକ ମାନ୍ନା ଖାଇଥିଲେ ଯେପରିକି ଆମେ ଆଜି ସକାଳେ ଖାଉଅଛୁ, ମାତ୍ର ବାକ୍ୟ ପରୀକ୍ଷା ସେମାନଙ୍କୁ ପ୍ରମାଣ କରିଥିଲା। ଯେତେବେଳେ ଏହା କାଦେଶ-ବର୍ଣ୍ଣିଆର ସମୟକୁ ଆସିଲା, ଯେତେବେଳେ ସେମାନେ ପ୍ରତିଜ୍ଞାତ ଦେଶକୁ ଯିବା ପାଇଁ ଆରମ୍ଭ କଲେ, ଏବଂ ସେମାନେ ସେପର୍ଯ୍ୟନ୍ତ ଯାଇପାରିଲେ ନାହିଁ ଯେପର୍ଯ୍ୟନ୍ତକି ସେମାନେ ବାକ୍ୟ ଦ୍ୱାରା ପରୀକ୍ଷିତ କରା ନ ଗଲେ। ଏବଂ ଅନ୍ୟ ସମସ୍ତ ସେହି—ସେହି ଦଶ ଜଣ ଫେରି ଆସିଲେ, ଓ କହିଲେ, "ଆମେ ଏହାକୁ ଅଧିକାର କରିପାରିବା ନାହିଁ! ସେଠାକାର ଲୋକମାନେ ଯେପରି...ଆମେ ସେମାନଙ୍କ ସମ୍ମୁଖରେ ଫଡିଙ୍ଗ ପରି ଅଟୁ, ସେମାନଙ୍କର ନଗରସବୁ ପ୍ରାଚୀର ବେଷ୍ଟିତ ଅଟେ। ବିରୋଧୀ ଅତିଶୟ ବଡ଼ ଅଟେ।"

56 ମାତ୍ର ଯିହୋଶୂୟ ଓ କାଲେବ ଲୋକମାନଙ୍କୁ ସୁସ୍ଥିର କଲେ। ସେମାନେ କହିଲେ, "ଆମେ ଏହା କରିବାକୁ ଅଧିକ ସକ୍ଷମ ଅଟୁ!" କାହିଁକି? ସେମାନେ ବାହାରିବା ପୂର୍ବରୁ, ପରମେଶ୍ୱର ପ୍ରତିଜ୍ଞାତ ଦେଶ ବିଷୟରେ କହିଥିଲେ, "ମୁଁ ତୁମକୁ ସେହି ଦେଶ ଦେଇଅଛି। ଏହାକୁ ମୁଁ ତୁମକୁ ଦେଇଅଛି। ଏହା ତୁମର ଅଟେ।" ମାତ୍ର ସେଠାରେ ପ୍ରତ୍ୟେକ ଦଶ ଲକ୍ଷ ମଧ୍ୟରୁ ଗୋଟିଏ ହିଁ ଥିଲା।

57 ଆଜି ବିଶ୍ୱରେ ପ୍ରାୟଃ ପାଞ୍ଚ ହଜାର ଲକ୍ଷ ତଥା-କଥିତ ଖ୍ରୀଷ୍ଟିଆନ ଅଛନ୍ତି, ଏବଂ ପ୍ରତ୍ୟେକ ଦିନ ଗୋଟିଏ ପୀଢୀ ସମାପ୍ତ ହେଉଅଛି। ଏବଂ ବର୍ତ୍ତମାନ, କଅଣ ହେବ ଯଦି ଆଜି ରେପ୍ଚର ବା ଉର୍ଦ୍ଧାନ୍ତିକରଣ ହୋଇଯାଏ ଏବଂ ପାଞ୍ଚଶହ ଲୋକ, ସର୍ବବିଶ୍ୱ ସ୍ତରରେ, ଉର୍ଦ୍ଧାନ୍ତିକରଣରେ ନେଇ ନିଆଯାଆନ୍ତି? ଆପଣ ସେମାନଙ୍କର ଯିବା ବିଷୟରେ, କଦାପି ଜାଣିବେ ନାହିଁ କିମ୍ବା ଖବରକାଗଜରେ ସୁଦ୍ଧା ଦେଖିବେ ନାହିଁ। ଏବଂ ପ୍ରଭୁଙ୍କର ସେହି ଆଗମନ ଏକ ଗୁପ୍ତ ଆଗମନ ଅଟେ। ସେ ଆସିବେ ଓ ଚୋରି କରି ନେଇଯିବେ। ଏହା ଏପରି ଏକ ସଂଖ୍ୟାଲଘୁ ହେବ, ଯେପରିକି...

58 ଠିକ୍ ଯେପରିକି ସେହି ଦିନ ହୋଇଥିଲା ଯେତେବେଳେ ଶିଷ୍ୟମାନେ ଯୀଶୁଙ୍କୁ ପଚାରିଥିଲେ, "ଶାସ୍ତ୍ରୀମାନେ ଏହା କାହିଁକି କୁହନ୍ତି ଯେ—ଯେ ଏଲିୟ ପ୍ରଥମେ ଆସିବେ?"

ସେ କହିଲେ, "ସେ ତ ଆସି ସାରିଲେଣି, ଆଉ ତୁମେମାନେ ତାହାଙ୍କୁ କେବେ ଜାଣିଲ ନାହିଁ।"

59 କଅଣ ଆପଣମାନେ କେବେ ଭାବିଲେ କି ଯେ ଲୋକମାନେ କଅଣ କରିଥିଲେ? ସେମାନେ ତାହା ଠିକ୍ ବିଶ୍ୱାସ କରି ଚାଲିଥିଲେ ଯେ ମଲା-...ସେହି ମଲା-...ଏଲିୟ

ଆସୁଥିଲେ। ଏବଂ ସେ ଠିକ୍ ସେମାନଙ୍କ ମଧ୍ୟରେ ରହିଥିଲେ, ଆଉ ସେମାନେ ତାହା ଜାଣିଲେ ନାହିଁ।

60 ଠିକ୍ ସେହିପରି ମନୁଷ୍ୟପୁତ୍ରଙ୍କ ଆଗମନରେ ମଧ୍ୟ ତାହା ହେବ! ସେମାନେ ତାଙ୍କ ସହିତ ଠିକ୍ ସେହି ସମାନ କାର୍ଯ୍ୟ କରିବେ। ପରମେଶ୍ୱରଙ୍କ ଆତ୍ମା ଏଠାରେ ଅଛନ୍ତି। ତେବେ, ଆମେ ତାହା ସହିତରେ କଅଣ କରିବାକୁ ଯାଉଛୁ? କଅଣ ଆମେ ମାନ୍ନା, ଓ ପ୍ରଭୃତି ସବୁ ଖାଇବାକୁ ଯାଉଛୁ, ଏବଂ ବୃଦ୍ଧି ପାଉଥିବା ସମୟରେ ଆମେ ନିରନ୍ତର ଆଗକୁ ନ ବଢ଼ିବା?

61 କଅଣ ଆପଣ କେବେ ବି ଗୋଟିଏ ବୀଜକୁ ଲକ୍ଷ୍ୟ କରିଛନ୍ତି କି, ଯେପରିକି ରେଭରେଣ୍ଡ ପିଟସ୍ ଅଳ୍ପ କିଛି କ୍ଷଣ ପୂର୍ବରୁ କହୁଥିଲେ, ଏବଂ କିପରି ଗୋଟିଏ ବୀଜ ଭୂମି ଭିତରକୁ ଯାଏ? ଅନେକ ବୀଜଗୁଡ଼ିକ ସେଠାରେ ଭୂମିରେ ଅଛନ୍ତି। ଯେତେବେଳେ ପରମେଶ୍ୱର ଜଳ ଉପରେ ବିଚରଣ କଲେ, ଆଲୋକ ସହିତରେ, ଏବଂ ଆଲୋକ ପରମେଶ୍ୱରଙ୍କ ପ୍ରଥମ ଉପସ୍ଥିତିକୁ, ନେଇକି ଆସିଲା, କଥିତ ଆଲୋକ ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ଆସିଥିଲା। ଏବଂ ପରମେଶ୍ୱରଙ୍କ ବାକ୍ୟ ହେଉଛି ସେହି ଏକମାତ୍ର ବିଷୟ ଯାହାକି ଆଜି ମଧ୍ୟ ଆଲୋକକୁ ଆଣିଥାଏ। ପୁଣି ଯେତେବେଳେ ଜଳ ପୃଥକ କରାଗଲା, ସେହି ବୀଜ ଆଗରୁ ପୃଥିବୀରେ ରହିଥିଲା, ଏବଂ ସେହି ଆଲୋକ କେବଳ ସେହି ବୀଜଗୁଡ଼ିକୁ ବାହାରକୁ ନେଇକି ଆସିଲା ଯେଉଁଥିରେକି ବୀଜାଣୁ ରହିଥିଲା, ସେମାନେ ଜୀବନକୁ ଫୁଟି ଆସିଥିଲେ। ପରମେଶ୍ୱର ତାହାଙ୍କର ସୃଷ୍ଟି କରୁଥିଲେ।

62 ଏବଂ ବର୍ତ୍ତମାନ, ଇଷ୍ଟର ସକାଳରେ ଆଉ ଏକ ଆଲୋକ ପୃଥିବୀ ଉପରକୁ ଆସିଲା, ଯେତେବେଳେ ପବିତ୍ରଆତ୍ମା ଡାନ୍ କରାଗଲେ। ଆଉ ଏହାକୁ ସେହି ବୀଜଗୁଡିକରେ ଆଲୋକ ଆଣିବା ପାଇଁ ଦିଆଯାଇଅଛି ଯାହାକୁ ପରମେଶ୍ୱର, ତାହାଙ୍କର ପୂର୍ବଜ୍ଞାନ ଦ୍ୱାରା, ଜାଣିଥିଲେ ଯେ ତାହା ଏଠାରେ ପୃଥିବୀ ଉପରେ ରହିବେ। ଯେପରି ସେ ପ୍ରଥମ ପ୍ରାକୃତିକ ବୀଜକୁ ଜାଣିଥିଲେ, ଠିକ୍ ସେହିପରି ସେ ଜାଣନ୍ତି ଯେ ଆତ୍ମିକ ବୀଜ କେଉଁଠାରେ ଅଛି। ଯେତେବେଳେ ପରମେଶ୍ୱର ପ୍ରଥମେ ପୃଥିବୀକୁ ସୃଷ୍ଟି କଲେ, ଆପଣଙ୍କ ଶରୀର ଠିକ୍ ସେତେବେଳେ ଏଠାରେ ପୃଥିବୀ ଉପରେ ସେହି ସମୟରେ ପଡ଼ି ରହିଥିଲା। ଆମେ ପୃଥିବୀର ଏକ ଅଂଶ ଅଟୁ। ଆମେ ସେଠାରେ ପଡ଼ି ରହିଥିଲୁ। ଏବଂ ତାହାଙ୍କର ପୂର୍ବଜ୍ଞାନ ଦ୍ୱାରା ସେ ଠିକ୍ ଠିକ୍ ଜାଣିଥିଲେ ଯେ କିଏ ତାହାଙ୍କୁ ପ୍ରେମ କରିବେ ଏବଂ କିଏ ତାହାଙ୍କର ସେବା କରିବେ, ଏବଂ କିଏ କରିବେ ନାହିଁ। ତାହାଙ୍କର ପୂର୍ବଜ୍ଞାନ ତାହା କହିଥାଏ। ଯଦି ତାହା ନୁହେଁ, ତେବେ ସେ ପରମେଶ୍ୱର ନୁହଁନ୍ତି। ସେ ଅସୀମ ନ ହୋଇ ପରମେଶ୍ୱର ହୋଇପାରନ୍ତି ନାହିଁ। ଏବଂ ଯଦି ସେ ଅସୀମ, ସେ ସବୁ ବିଷୟ ଜାଣନ୍ତି।

63 ତେଣୁ, ଆପଣ ଲୋକମାନଙ୍କୁ ଦେଖନ୍ତି ଯେ ସେମାନେ ସେମାନଙ୍କର ଭୁଲ୍ କରୁଥାନ୍ତି। ସେମାନେ ଏଥିରେ ଝୁଣ୍ଟି ପଡ଼ନ୍ତି। ସେମାନେ ଏହା ଉପରେ ଦୌଡି ଯାଆନ୍ତି, ଏବଂ ସେମାନେ *ଏହା* ଓ *ତାହା* ଭାବନ୍ତି, କିନ୍ତୁ ଏହା ଠିକ୍ କାମ କରେ ନାହିଁ, ଆମେ ତାହା ଦେଖୁ। କିନ୍ତୁ ସେଠାରେ

ଏକ କାର୍ଯ୍ୟ ସଠିକ୍ ଭାବରେ କରିବା ନିମନ୍ତେ ଅଛି, ଯାହା ହେଉଛି ପରମେଶ୍ୱରଙ୍କ ସିଦ୍ଧ ଇଚ୍ଛାକୁ ଖୋଜିବା ଏବଂ ସେଥିରେ ଛିଡ଼ା ରହିବା, ଯେଉଁଥି ପାଇଁକି ପରମେଶ୍ୱର ଆପଣଙ୍କୁ ଆହ୍ୱାନ କରିଛନ୍ତି ।

64 ଯେପରିକି ଭାଇ ଜ୍ୟାକ୍ ଅଳ୍ପ କିଛି କ୍ଷଣ ପୂର୍ବରୁ ଏଠାରେ ତଳେ ସେହି—ସେହି ପର୍ସିଂ ସ୍କ୍ୱାୟାରଠାରେ, ସେହି ଦ୍ୱନ୍ଦ୍ୱ ବିଷୟରେ କହିଥିଲେ । ଜଣେ *ଏହି* ଉପାୟରେ, ଏବଂ ଅନ୍ୟ ଜଣେ *ସେହି* ଉପାୟରେ; ଏବଂ ଧର୍ମଶାସ୍ତ୍ରୀମାନଙ୍କ ବିଷୟରେ, ଏବଂ ପ୍ରଭୃତି ବିଷୟରେ, ଯେ ଯଦି ଆପଣ କିଛି ଧର୍ମଶାସ୍ତ୍ର ଜାଣିବାକୁ ଚାହୁଁଛନ୍ତି, ତେବେ ସେଠାରେ ତଳକୁ ଯାଆନ୍ତୁ ।

65 ମୁଁ ଅନୁମାନ କରେ ଯେ ତାହା ଠିକ୍ ସେହିପରି ଅଟେ ଯେପରିକି ତାହା ଲଣ୍ଡନର ହାଇଡ ପାର୍କରେ ଅଟେ । ମୁଁ ସେଠାରେ ତଳେ ଥିଲି, ସମସ୍ତଙ୍କର ନିଜସ୍ୱ ଧାରଣା ରହିଥିଲା । ଏହା ଏକ—ଏହା ଏକ ବାବିଲରେ ଆଧୁନିକ-ଯୁଗର ଏକ ସଂସାରର ସମଷ୍ଟି ଅଟେ ।

66 ମାତ୍ର କଅଣ ଆପଣମାନେ ଧ୍ୟାନ ଦେଲେ ଯେତେବେଳେ—ଯେତେବେଳେ ଭାଇ ପିଟସ୍ ଆଜି ସକାଳେ ତାଙ୍କର ସୁନ୍ଦର ବାର୍ତ୍ତାକୁ ଆମଠାରେ ଉପସ୍ଥାପନ କରୁଥିଲେ? ଯେତେବେଳେ ସେ ଉଦ୍ୟାନରୁ ବାହାରକୁ ଯିବା ପାଇଁ ଆରମ୍ଭ କଲେ, ସେଠାରେ ସେ ଏକ ଛୋଟ ଇଷ୍ଟର ଲିଲି ଫୁଲ ପାଇଥିଲେ । "ସମସ୍ତ ଦ୍ୱନ୍ଦ୍ୱ ମଧ୍ୟରେ," ଯେପରି ସେ ଏହାକୁ ଆମ ପାଖରେ ଉପସ୍ଥାପନ କଲେ, "ଏହାକୁ 'ହଁ' କିମ୍ବା 'ନା' କହିବାର କୌଣସି ଉପାୟ ନ ଥିଲା । ସମସ୍ତ ଦ୍ୱନ୍ଦ୍ୱ ମଧ୍ୟରେ, ଏହା ତ ପରମେଶ୍ୱରଙ୍କ ଜୀବନ ତାହା ଭିତରେ ଚମକି ଉଠିଥିଲା ।" ଏହା ତ ସେଠାରେ ତାହାର ଆଭାରେ ରହିଥିଲା, କାରଣ ପରମେଶ୍ୱର ଏହାକୁ ସେଠାରେ ରହିବା ପାଇଁ ନିଯୁକ୍ତ କରିଥିଲେ । ସମସ୍ତ ବିବାଦ ମଧ୍ୟରେ, କେହି ଏହା ପ୍ରତି ଧ୍ୟାନ ଦେଇ ନ ଥିଲେ । ସେମାନେ ଏହାର ଆତ୍ମିକ ପ୍ରୟୋଗ ଦେଖି ନ ଥିଲେ ।

67 ଏବଂ ଠିକ୍ ତାହାହିଁ ଆଜି ଆମମାନଙ୍କର ସମସ୍ତ ମହାନ ସମାବେଶ ଓ ଗୋଷ୍ଠୀରେ, ଆଉ ମଣ୍ଡଳୀଗୁଡିକରେ ଓ ନାମଧାରୀ ସଂସ୍ଥାମାନଙ୍କରେ, ଏବଂ ପ୍ରଭୃତି ସବୁରେ ଅଟେ । ଜଣେ *ଏହି* ମାର୍ଗକୁ ଟାଣି ନେଉଛି, "ଆମେ ବାପ୍ଟିଷ୍ଟ ହେବା ଉଚିତ୍, କିମ୍ବା ପ୍ରେସ୍‌ବିଟେରିଆନ୍ ହେବା ଉଚିତ୍, *ଏହା, ତାହା,* କିମ୍ବା *ଅନ୍ୟ* କିଛି ହେବା ଉଚିତ୍ ।" ଏହି ସବୁ ମଧ୍ୟରେ, ସେଠାରେ ଏକ ବଢୁଥିବା ଫୁଲ ଅଛି । ସେଠାରେ ଆମ ମଧ୍ୟରେ ଠିକ୍ ପରମେଶ୍ୱରଙ୍କ ଏକ ଶକ୍ତି ଅଛି, ଯାହାକି ଆମ ସମସ୍ତଙ୍କ ମଧ୍ୟରେ ଠିକ୍ ବୃଦ୍ଧିସାଧନ କରୁଅଛି । ଆସନ୍ତୁ ଆମେମାନେ ଅଳ୍ପ କିଛି ମିନିଟ୍, ଅଟକି ଯିବା ଏବଂ ଏହାକୁ ଦେଖିବା, ଆଉ ଏହାକୁ ଏହି ସପ୍ତାହ ଦେଖିବା, ଓ ଏହାକୁ ଆମ ସମ୍ମୁଖରେ ଉନ୍ମୋଚିତ ହେଉଥିବାର ଦେଖିବା । ଆମେ ବିଶ୍ୱାସ କରୁ ଯେ ପରମେଶ୍ୱର ଏହା କରିବେ । କଅଣ ନୁହେଁକି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।]

68 ମୁଁ ଦେଖୁଛି ଯେ ଆମକୁ ବର୍ତ୍ତମାନ ସୁଦ୍ଧା ତଳେ ମହଲାରେ ରହିଯିବା ଉଚିତ । ତେଣୁକରି ଆସନ୍ତୁ, ଆମେମାନେ ପ୍ରତ୍ୟେକେ ପ୍ରାର୍ଥନା କରିବା ।

69 ପ୍ରିୟ ପରମେଶ୍ୱର, ଯେତେବେଳେ ଆମେ ତୁମ ଉପସ୍ଥିତିରେ ନିଜର ମୁଣ୍ଡକୁ ନୁଆଁଇଥାଉ, ଆମେ ଏହା ଅନୁଭବ କରୁ ଯେ ଆମେ ମାଗିବା ପାଇଁ ଅତ୍ୟନ୍ତ ଅଯୋଗ୍ୟ ଅଟୁ । କିନ୍ତୁ ତୁମେ ଆମକୁ ତାହା ପ୍ରତିଜ୍ଞା କରିଅଛ ଯେ, ଯଦି ଆମେ ଆସିବୁ, ତେବେ ତୁମେ ଆମକୁ ପ୍ରତ୍ୟାଖ୍ୟାନ କରିବ ନାହିଁ । ଏବଂ ଏହି ରୁକ୍ଷ ବକ୍ତବ୍ୟମାନ ଯାହାକି ଏବେ କୁହାଯାଇଅଛି, କୌଣସି ମତେ ଏକ ସିଦ୍ଧାନ୍ତ ଗଢିବା ପାଇଁ ନୁହେଁ, "ଦଶ ଲକ୍ଷରୁ ଏକ," କିନ୍ତୁ ଏକ ପ୍ରକାର କେବଳ ମନେ ରଖିବା ପାଇଁ ଅଟେ । କାରଣ ତୁମେ କହିଥିଲ:

> *...ଜୀବନକୁ ଘେନିଯିବା, ଦ୍ୱାର ସଂକୀର୍ଣ୍ଣ, ଓ ପଥ ଦୁର୍ଗମ, ପୁଣି* ତାହାର *ସନ୍ଧାନ* ପାଇବା *ଲୋକେ ଅଳ୍ପ ।*
>
> *କାରଣ ଅନେକେ ଆହୂତ, କିନ୍ତୁ ଅଳ୍ପ ମନୋନୀତ ।*

70 ହେ ଅନନ୍ତଜୀବୀ ପିତା, ଆସନ୍ତା ସପ୍ତାହରେ ହେବାକୁ ଥିବା ଏହି ସମ୍ମିଳନୀ ମାଧ୍ୟମରେ, ଏହି ସହରରେ ସୁସମାଚାରର ଆଲୋକ ପ୍ରେରଣ କର । ଏବଂ ଯଦି କୌଣସି ବୀଜ ଥାଏ, ଯେକୌଣସି ପ୍ରକାରେ ହେଲେ ତୁମର ନିଜର ମହାନ, ଜ୍ଞାନଦାୟକ ବ୍ୟବସ୍ଥା ଦ୍ୱାରା, ଯେପରିକି ତାହାକୁ ପୁରୁଷ ଏବଂ ମହିଳାଙ୍କ ଶୁକ୍ରାଣୁର ଉଦାହରଣରେ ବର୍ଣ୍ଣନା କରିବାର ଚେଷ୍ଟା କରାଗଲା, ଏହା ହେଉ ଯେ ସେମାନେ ଏହି ସମ୍ମିଳନୀରେ ପ୍ରବେଶ କରନ୍ତୁ । ହେଉ ଯେ ପବିତ୍ରଆତ୍ମା ସେମାନଙ୍କୁ ଆଲୋକ ପ୍ରଦାନ କରନ୍ତୁ । ଆମେ ହୃଦୟଙ୍ଗମ କରୁ ଯେ ଏହି ସମୟ ବୋଧହୁଏ ଆମେ ଭାବିବାଠାରୁ ଅଧିକ ବିଳମ୍ବ ଅଟେ । ହେ ପରମେଶ୍ୱର, ଆମେ ପ୍ରାର୍ଥନା କରୁଛୁ ଯେ, ଯେତେବେଳେ ଆମେ ଏଠାକୁ ଆସୁ, ଏହା ବିଶ୍ୱାସ କରି ଯେ ବୋଧହୁଏ ଏଠାରେ ଏପରି କିଛି ଅଛି ଯାହା କରାଯାଇପାରେ ଯାହାକି ଲୋକମାନଙ୍କୁ ସାହାଯ୍ୟ କରିବ, କିମ୍ବା—କିମ୍ବା ସେହି ଶେଷ ମେଣ୍ଢାକୁ ଧରିବ । ଆମେ ଜାଣୁ, ଯେତେବେଳେ ସେହି ମେଣ୍ଢାପଲ ସମ୍ପୂର୍ଣ୍ଣ ହୁଏ, ସେତେବେଳେ ମେଷପାଳକ ଦ୍ୱାରକୁ ବନ୍ଦ କରିଦେବେ ।

71 ଯେପରିକି ତାହା ନୋହଙ୍କ ସମୟରେ ହୋଇଥିଲା, ଯେତେବେଳେ ପରିବାରର ସେହି ଶେଷ ସଦସ୍ୟଙ୍କୁ ଭିତରକୁ ଅଣା ଯାଇଥିଲା, ପରମେଶ୍ୱର ଦ୍ୱାରକୁ ବନ୍ଦ କରିଦେଲେ । ଏବଂ ସେମାନେ ଆଘାତ କଲେ ଏବଂ ବାଡେଇଲେ, ମାତ୍ର ଏହା ବହୁତ ବିଳମ୍ବ ହୋଇଯାଇଥିଲା । ପ୍ରିୟ ପରମେଶ୍ୱର, ସେମାନଙ୍କ ପାଖରେ ସେହି ସୁଯୋଗ ଥିଲା ।

ତୁମେ କହିଲ, "ମୁଁ ସେହି ମେଣ୍ଢାପଲ ପ୍ରତି ଦ୍ୱାର ଅଟେ ।"

72 ଏବଂ କବିଙ୍କର ସେହି ଗୀତଟି କେତେ ଉପଯୁକ୍ତ, "କଅଣ ତୁମ ପାଇଁ ଅଣାନବେ ଯଥେଷ୍ଟ ନୁହେଁ? ମାତ୍ର, ନା, ସେଠାରେ ଆଉ ଗୋଟିଏ ଥିଲା ।" ସେ ହୁଏତ ଏକ ଛୋଟ କଳା ମେଣ୍ଢା ହୋଇପାରେ, କିମ୍ବା ସେ ଏକ ଛୋଟ କିଛି ବି ନ ହୋଇପାରେ, ହୁଏତ ସେ ଛୋଟ ମାଈ କିମ୍ବା ସେ ଅଣ୍ଡିରା ହୋଇପାରେ । ଆମେ ଜାଣି ନାହୁଁ ଯେ ସେମାନେ କେଉଁଠାରେ ଅଛନ୍ତି, କିନ୍ତୁ ସେହି ଶେଷଟି ନିଶ୍ଚୟ ଭିତରକୁ ଆସିବାକୁ ଅଛି ଏବଂ ତାହାପରେ ଦ୍ୱାର ବନ୍ଦ ହୋଇଯିବ । ହେ ପରମେଶ୍ୱର, ଯିଏକି ସମସ୍ତ ବିଷୟ ଜାଣନ୍ତି, ଆମମାନଙ୍କର ଜୀବନଗୁଡିକୁ ଆଜି ସକାଳରେ

ଖୋଜ । ଏବଂ ଆମମାନଙ୍କୁ ଯେକୌଣସି ସ୍ଥାନକୁ ବି ପ୍ରେରଣ କର ଯେଉଁଠାକୁକି ଆମେ ଯାଇପାରିବା, ଯେପରିକି ଆମେ ସେହି ଶେଷ ଜଣକୁ ପାଇପାରୁ, ତେବେ ସେହି ଦ୍ୱାର ବନ୍ଦ ହୋଇଯିବ ଏବଂ ମେଷପାଳକ ମେଣ୍ଢାମାନଙ୍କ ସହିତରେ ଭିତରେ ରହିବେ । ହେ ପ୍ରଭୁ, ଏହାକୁ ପ୍ରଦାନ କର । ଯଦି ଆଜି ଏଠାରେ ସେହି ଜଣକା ଥିବେ, ଯଦି ସେହି ଜଣ ଯାହାକୁ ଭିତରକୁ ଆସିବା କଥା...

73 "ଯେସମସ୍ତଙ୍କୁ ପିତା ମୋତେ ପ୍ରଦାନ କରିଛନ୍ତି ସେମାନେ ମୋ ନିକଟକୁ ଆସିବେ । ଏବଂ ଯେପର୍ଯ୍ୟନ୍ତ ମୋର ପିତା କାହାରିକୁ ଆକର୍ଷିତ ନ କରନ୍ତି, ସେ ଆସିପାରେ ନାହିଁ ।"

74 ଏବଂ ଯଦି ସେଠାରେ ଏକ ଆକର୍ଷଣ, କିମ୍ୱା ଏକ ଛୋଟ ଅନୁଭୁତି ହୁଏ, ଯେ ହୁଏତ ଏଠାରେ ଏହି ଦର୍ଶକବୃନ୍ଦଙ୍କ ମଧ୍ୟରେ କାହାରି ପାଇଁ ଏହା ସେହି ଘଡିକା ହୋଇପାରେ, ଏଠାରେ କିମ୍ୱା ତଳ ମହଲାରେ, କିମ୍ୱା ସେମାନେ ଯେଉଁଠାରେ ବି ଥାଆନ୍ତି, ଏହା ହେଉ ଯେ ସେମାନେ ଉତ୍ତର ଦିଅନ୍ତୁ, "ହଁ, ପ୍ରଭୁ, ମୁଁ ସେହି ଛୋଟ ମାର୍ଗ ହଜିଯାଇଥିବା ଜଣକା ଅଟେ ଯିଏକି ମାର୍ଗରୁ ବାଟବଣା ହୋଇଯାଇଛି; ଏବଂ ଏହା ମୋର ଜୀବନସାରା, ଲଢେଇ ରହିଛି । ମୁଁ—ମୁଁ—ମୁଁ ଅନୁଭବ କଲି ଯେ ମୋତେ ଆସିବା ଉଚିତ୍, କିନ୍ତୁ ଆଜି ମୁଁ ପରାଜୟର ପାର୍ଶ୍ୱରେ ଝୁଲି ରହିଛି । ମୁଁ ଉପରକୁ କିମ୍ୱା ତଳକୁ ଯାଇପାରେ ନାହିଁ । ମୁଁ କୌଣସି ମାର୍ଗକୁ ଯାଇପାରେ ନାହିଁ ।" ଓଃ, ଏହା ହେଉ ଯେ ସେହି ମହାନ ମେଷପାଳକ ଆସନ୍ତୁ, କୋମଳ ହାତକୁ ବଢ଼ାଇ ସେହି ଜଣକାକୁ ସୁରକ୍ଷିତ ଭାବରେ ଭିତରକୁ ନେଇ ଆସନ୍ତୁ, ଏହାକୁ ନିଜରେ କାନ୍ଧରେ ରଖନ୍ତୁ ଏବଂ ନିରାପଦରେ ଫେରାଇ ଆଣନ୍ତୁ ।

75 ବୋଧହୁଏ ଏଠାରେ ଜଣେ ଥିବେ, ହେ ପ୍ରଭୁ, ଯିଏକି ସେହି ସମାନ ଅବସ୍ଥାରେ ଥିବା ଭଳି, ଅସୁସ୍ଥ ଅଟନ୍ତି, ଯେ ଡାକ୍ତର କହିଛନ୍ତି, "ଆଉ କିଛି କରାଯାଇପାରେ ନାହିଁ ।" ସେ ଏହାକୁ ଉଦ୍ଧାର କରିବା ପାଇଁ ବହୁତ ଚେଷ୍ଟା କଲେ, ମାତ୍ର ସେ ତାହା ଉଦ୍ଧାର କରିପାରିଲେ ନାହିଁ । ଏହା ତାଙ୍କ କ୍ଷମତା ବାହାରେ ଅଟେ । ସେଠାରେ—ସେଠାରେ ଆଉ କିଛି ନାହିଁ ଯାହାକି ସେ କରିପାରିବେ । ତାଙ୍କର ଔଷଧ କିମ୍ୱା ତାଙ୍କର ଛୁରୀ ତାହା ପାଖକୁ ପହଞ୍ଚିପାରେ ନାହିଁ । କିନ୍ତୁ, ହେ ପ୍ରଭୁ, ତୁମର ମହାନ ବାହୁ ପାଇଁ କିଛି ହେଲେ ଅଧିକ ଦୂର ନାହିଁ, ଏବଂ ତୁମର ବାକ୍ୟ ହେଉଛି ତୁମର ବାହୁ । ତେଣୁ ଆମେ ପ୍ରାର୍ଥନା କରୁଛୁ, ହେ ପ୍ରିୟ ପରମେଶ୍ୱର, ଯେ, ଆଜି ସକାଳେ, ଯେତେବେଳେ ଆମେ ତୁମ ସହିତ କଥାବାର୍ତ୍ତା କରୁଅଛୁ, ଏହା ହେଉ ଯେ ତୁମେ ତଳକୁ ଆସି ସେହି ଜଣକାକୁ ଧରିନେବ ଯିଏକି ଅସୁସ୍ଥ ଅଟେ ଓ ନିଜର କୌଣସି ସାହାଯ୍ୟ କରିପାରେ ନାହିଁ, ଯାହାକି ଡାକ୍ତରଙ୍କଠାରୁ ଦୂରରେ, ସମସ୍ତ ବୈଜ୍ଞାନିକ ବିଷୟବସ୍ତୁଠାରୁ ଦୂରରେ ଅଟେ, ଏହା ହେଉ ଯେ ସେମାନେ ସୁସ୍ଥ ହୁଅନ୍ତୁ । ହେ ପ୍ରଭୁ, ଏହା ପ୍ରଦାନ କର ।

76 ଯେପରିକି ଆମେ ଦାଉଦଙ୍କ ବିଷୟରେ ଭାବୁ, ଯେତେବେଳେ ତାଙ୍କୁ ଅଳ୍ପ କିଛି ମେଣ୍ଢାମାନଙ୍କ ଉପରେ ଦାୟିତ୍ୱ ଦିଆଯାଇଥିଲା । ମାତ୍ର ଦିନେ ଏକ ଭାଲୁ ଭିତରକୁ ଆସିଲା ଓ ସେହି ଗୋଟିଏ ଛୋଟ ମେଣ୍ଢାକୁ ଧରି ନେଇ ପଳାଇଗଲା, ଏବଂ ତାହାକୁ ଖାଇ ଦେଇଥାନ୍ତା

(ଯେପରିକି କର୍କଟ ଶରୀରକୁ ଖାଇ ଦେଇଥାଏ) କିମ୍ବା ଏକ ବିରାଟ ସିଂହ ଥିଲା। କିନ୍ତୁ ଦାଉଦ, ଗୋଟିଏ—ଗୋଟିଏ ରାଇଫଲ ବନ୍ଧୁକ ସହିତ ଅତ୍ୟନ୍ତ ସୁସଜ୍ଜିତ ନ ଥିଲେ, କିମ୍ବା, ଜଣେ ଖଡ୍ଗଧାରୀ ନ ଥିଲେ, ମାତ୍ର କେବଳ ଏକ ବାଟୁଳି ସହିତ, ସେ ସେହି ମେଣ୍ଢା ପଛରେ ଗଲେ। ଏବଂ ଯେତେବେଳେ ସେ ସେହି—ସେହି ପଶୁଟିକୁ ପାଇଲେ ଯାହାକି ସେହି ଛୋଟ ମେଣ୍ଢାଟିକୁ ମାରିବାକୁ ଯାଉଥିଲା, ସେ ଏହାକୁ ସେହି ବାଟୁଳି ଦ୍ୱାରା ବଧ କରିଥିଲେ। କେବଳ ଏକ ସାଧାରଣ ଛୋଟ ଅସ୍ତ୍ରଟିଏ ଯେଉଁଥିରେ ଖଣ୍ଡେ ଚମଡା ଓ ଏକ ନମନୀୟ ଦୌଡି ଲାଗିଥାଏ, ଏବଂ, ମାତ୍ର ତାଙ୍କର ସେଥିରେ ଭରସା ଥିଲା।

77 ପ୍ରଭୁ, ଆମ ମଧ୍ୟରେ କୌଣସି ମହାନ ପ୍ରତିଭା ନାହାଁନ୍ତି। ଆମେମାନେ ସରଳ ଛୋଟ ପ୍ରାର୍ଥନା ସହିତ ସରଳ ଲୋକମାନେ ଅଟୁ, ମାତ୍ର ଆମେ ଆଜି ସକାଳେ ପିତାଙ୍କ ମେଣ୍ଢା ପଛରେ ଆସୁଅଛୁ। ସେହି ସ୍ତ୍ରୀଲୋକ ଯିଏକି ରାସ୍ତାରେ ଚାଲି ଯାଇଛି, ଦୁଃଖଦାୟକ ସ୍ଥିତିରେ, ଧୂମ୍ରପାନ କରୁଛି, ସିଗାରେଟ୍ ମାଧ୍ୟମରେ ଶାନ୍ତି ପାଇବାକୁ ଚେଷ୍ଟା କରୁଛି; ସେହି ବ୍ୟକ୍ତି ଯିଏକି ଗ୍ଲାସର ଗନ୍ଧ ପାଇଛି ଓ ତାହାକୁ ପଛରେ ରଖିଦେବାକୁ ଚେଷ୍ଟା କରିଛି, କିନ୍ତୁ ଶତ୍ରୁ ତାଙ୍କୁ ଦୃଢ଼ ଭାବରେ ଧରି ରଖିଛି; ସେହି ପୁଅ କିମ୍ବା ଝିଅ ଯିଏକି ଠିକ୍ କରିବାକୁ ଚେଷ୍ଟା କରୁଛି, ଯାହାକି ଭୁଲ୍ ବିଷୟଠାରୁ ଦୂରେଇ ଯିବା ପାଇଁ ସେହି ଶକ୍ତି ସଂଯତ କରିପାରୁ ନାହିଁ; ଆଜି ସକାଳେ ଆମେ ସେହି ମେଣ୍ଢାକୁ ଦାବି କରିବା ପାଇଁ ପ୍ରଭୁ ଯୀଶୁଙ୍କ ନାମରେ ଆସୁଅଛୁ। ଆମେ ଶତ୍ରୁକୁ ଧମକ ଦେଉ, କାରଣ ଏହା ଏକ ସରଳ ଜିନିଷ ଅଟେ, ପ୍ରାର୍ଥନାର ଏକ ବାଟୁଳି, ମାତ୍ର ଆମେ ସେହି ଜଣକାକୁ ପିତାଙ୍କ କୋଳ ନିକଟକୁ ଫେରାଇ ଆଣିବା ପାଇଁ ଆସୁଛୁ, ଯେପରିକି ଆମେ ସେହି ଜିନିଷଗୁଡିକର ଏକ ହିସାବ ଦେଇପାରୁ ଯାହା ଆମ ହାତରେ ସମର୍ପିତ କରା ହୋଇଛି। ଏହା ହେଉ ଯେ ପରମେଶ୍ୱରଙ୍କ ଶକ୍ତି ବର୍ତ୍ତମାନ ଲୋକମାନଙ୍କ ହୃଦୟରେ, ବିଶ୍ୱାସକୁ ଆଘାତ କରୁ, ଏବଂ ସେହି ହଜିଯାଇଥିବା ପ୍ରାଣଟି ଆଜି ସକାଳେ ଫେରି ଆସୁ। ଏପରି ହେଉ ଯେ ଏହି ଜୀବନର ପ୍ରଲୋଭନଗୁଡିକ ତାଙ୍କୁ ଛାଡ଼ି ଦେଉ, ତାଙ୍କୁ ଯିବାକୁ ଦେଉ। ପୁଣି ସେ ନିରାପଦରେ ଗୁରୁଙ୍କ କାନ୍ଧରେ ରହିପାରୁ, ପୁନର୍ବାର ନିରାପତ୍ତାକୁ ଫେରାଇ ନିଆଯାଉ। ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ। ଆମେନ୍।

78 ପରମେଶ୍ୱର ଆପଣ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ। ଆସନ୍ତାକାଲି ମୁଁ ଆପଣମାନଙ୍କୁ ଦେଖିବା ପର୍ଯ୍ୟନ୍ତ, ମୁଁ ସେବାକୁ ଭାଇ ଶାକାରିଆନ୍‌ଙ୍କ ହାତକୁ ଦେଇ ଦିଏ। [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]

[ଭାଇ ବ୍ରାନହାମ୍ ତୃତୀୟ ଭାଗକୁ ଶେଷ କରନ୍ତି—ସମ୍ପା।]

* * * * * * *

79 ଏହା, ମୁଁ—ମୁଁ ଆଶା କରେ ଯେ ଆପଣ...ଯେ ମୁଁ ପରମେଶ୍ୱରଙ୍କ ଦୃଷ୍ଟିରେ ଏବଂ ଆପଣମାନଙ୍କ ସମ୍ମୁଖରେ ଏହା ବିଶ୍ୱାସ କରିବା ହେତୁ, ଅତ୍ୟଧିକ ଅନୁଗ୍ରହ ପାଇଅଛି ଯେ ମୁଁ ଏଠାରେ ଆପଣମାନଙ୍କୁ ଏପରି କିଛି କହିବା ପାଇଁ ଛିଡ଼ା ହୋଇଛି ଯାହାକି ଭୁଲ୍ ଅଟେ। ଅନ୍ୟ

ଦିନ ମୁଁ ମୋର ଛପନ-ତମ ଜନ୍ମଦିନ ଅତିକ୍ରମ କରିଅଛି । ଏହା କେବଳ ଗୋଟିଏ ବୃଦ୍ଧ ବ୍ୟକ୍ତିର ବାର୍ତ୍ତା ନୁହେଁ । ମୁଁ ଛୋଟଟି ଥିବା ବେଳୁ ଏହାକୁ ବିଶ୍ୱାସ କରି ଆସିଛି । ଏବଂ ଯଦି ଏହା ସତ୍ୟ ନୁହେଁ, ତେବେ ମୁଁ ପୃଥିବୀରେ ରହିଥିବା ପରମେଶ୍ୱରଙ୍କର ସବୁଠାରୁ ମୂର୍ଖ ବ୍ୟକ୍ତି ଅଟେ । ମୁଁ ଏହି କାରଣ ପାଇଁ ମୋର ସମ୍ପୂର୍ଣ୍ଣ ଜୀବନକୁ ପ୍ରଦାନ କରି ଦେଇଛି । ଏବଂ ମୁଁ ନିଷ୍ଠାପର ଭାବରେ ଏହା କହିପାରେ: ଯଦି ମୋର ଦଶ ହଜାର ଜୀବନ ସୁଦ୍ଧା ଥାଆନ୍ତା, ତଥାପି ମୁଁ ମୋର ମତକୁ କେବେ ବି ପରିବର୍ତ୍ତନ କରନ୍ତି ନାହିଁ ।

80 ବର୍ତ୍ତମାନ, ଆରୋଗ୍ୟତା ପ୍ରତ୍ୟେକ ବ୍ୟକ୍ତିଙ୍କ ଅଧିକାର୍ଭୁକ୍ତ ଅଟେ । ମନେରଖନ୍ତୁ, ଆରୋଗ୍ୟତା ଆପଣଙ୍କ ଭିତରେ ଅଛି । ପରମେଶ୍ୱର ଯେତେବେଳେ ପିଚ୍ ଫଳ ଗଛକୁ ଉଦ୍ୟାନରେ ରୋପଣ କରିଥିଲେ, ସେତେବେଳେ ସେ ସେହି ପିଚ୍ ଗଛରେ ପ୍ରତ୍ୟେକ ସେହି ପିଚ୍ ଫଳକୁ ସ୍ଥାପନ କରିଥିଲେ ଯାହାକି ତାହା କେବେ ଧାରଣ କରିବ । ଦେଖନ୍ତୁ, ଆପଣ କେବଳ…ସେହି ପିଚ୍ ଗଛକୁ କିମ୍ୱା ସେଉ ଗଛକୁ, କିମ୍ୱା ଫଳ ଗଛକୁ, ପୃଥିବୀରୁ କେବଳ ଜଳ ପାନ କରି, ବୃଦ୍ଧି ସାଧନ କରିବାକୁ ଅଛି । ବର୍ତ୍ତମାନ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କଠାରେ ନିଜକୁ ଉଦ୍ଧାର କରିବା ନିମନ୍ତେ, ନିଜ ପାଖରେ ସେହି ସମ୍ଭାବ୍ୟ ସାମର୍ଥ ଅଛି, କାରଣ ଏହା ପରମେଶ୍ୱର ଅଟନ୍ତି, ଯେହେତୁ ଆପଣ ବାପ୍ତିସ୍ମ (ଜଳ ବାପ୍ତିସ୍ମ ନୁହେଁ), ଆତ୍ମିକ ବାପ୍ତିସ୍ମ ଦ୍ୱାରା ଖ୍ରୀଷ୍ଟଙ୍କଠାରେ ରୋପିତ ହୋଇଛନ୍ତି । ଆପଣ ଖ୍ରୀଷ୍ଟଙ୍କ ନିକଟକୁ ଜଳ ବାପ୍ତିସ୍ମ ଦ୍ୱାରା ଆସନ୍ତି ନାହିଁ । ଆତ୍ମିକ ବାପ୍ତିସ୍ମ ଦ୍ୱାରା!

81 ଆସନ୍ତାକାଲି ଅପରାହ୍ନରେ, ପ୍ରଭୁଙ୍କ ଇଚ୍ଛା ହେଲେ, ମୁଁ ଏହା ଉପରେ କହୁଅଛି, ଯେ ଏହାର ପ୍ରକୃତ ପ୍ରୟୋଗ *କିପରି* ଏବଂ *କଅଣ* ଅଟେ । ଏହା ଆମର ଅପରାହ୍ନରେ ଅଛି ତେଣୁକରି ଏହା ଆପଣଙ୍କର କୌଣସି ସେବାରେ ହସ୍ତକ୍ଷେପ କରିବ ନାହିଁ ।

82 ବର୍ତ୍ତମାନ ଦେଖନ୍ତୁ, ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଏଠାରେ ବିଶ୍ୱାସୀ ଭାବରେ ଛିଡ଼ା ହୋଇଛନ୍ତି, ଦେଖନ୍ତୁ, ତେବେ ସେହି ଜୀବନ ଯାହା ଖ୍ରୀଷ୍ଟଙ୍କଠାରେ ଥିଲା ତାହା ଆପଣଙ୍କଠାରେ ଅଛି । ଏହା ହୋଇପାରେ, ଯଦି ଆପଣ କେବଳ ଏହାକୁ ଦେଖିପାରିବେ!

83 ଏହା ହେଉଛି ଶୟତାନର କାମ ଯେ ସେ ଆପଣଙ୍କୁ ଏଥିରୁ ଅବରୋଧ କରି ରଖିଥାଏ, ଅନ୍ଧ କରି ରଖିଥାଏ । ସେ ଆପଣଙ୍କୁ କେବଳ ଅନ୍ଧ ହୋଇ ରହିବାକୁ ଦେଇପାରେ, ଅର୍ଥାତ୍, ଦେଖନ୍ତୁ, ଆପଣ ଜାଣନ୍ତି ନାହିଁ ଯେ ତେବେ ଆପଣ କେଉଁଠାକୁ ଯାଉଅଛନ୍ତି । ଜଣେ ବ୍ୟକ୍ତି ଯିଏକି ଅନ୍ଧ ଅଟେ ଏହା କହିପାରେ ନାହିଁ ଯେ ସେ କେଉଁଠାକୁ ଯାଉଅଛି, ତାକୁ ତ ଏପରି କୌଣସି ଦେଖିପାରୁଥିବା ବ୍ୟକ୍ତିଙ୍କଠାରୁ ବୁଝାମଣା ନେବାକୁ ପଡିବ । ଯେପର୍ଯ୍ୟନ୍ତକି ଆମେ ବୁଝି ନପାରୁ, ସେପର୍ଯ୍ୟନ୍ତ କାହାରିକୁ ଆମକୁ କହିବାକୁ ପଡ଼ିଥାଏ ଯେ ସତ୍ୟ କଅଣ ଅଟେ ।

84 ଆଉ ଖ୍ରୀଷ୍ଟ ଆପଣଙ୍କ ପାଇଁ ମରିଥିଲେ, ଏବଂ ଆପଣ ଜଗତରୁ ନିଆଯାଇ ଖ୍ରୀଷ୍ଟଙ୍କଠାରେ ରୋପିତ ହୋଇଛନ୍ତି । ଏବଂ ଯାହା ସବୁକିଛି ଆପଣଙ୍କର ଆବଶ୍ୟକ, ତାହା ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଦ୍ୱାରା ଠିକ୍ ଆପଣଙ୍କ ଭିତରେ ଅଛି । କଅଣ ତାହା ଠିକ୍ ନୁହେଁ କି?

ବର୍ତ୍ତମାନ କେବଳ ଗୋଟିଏ ବିଷୟ ଆପଣଙ୍କୁ କରିବାକୁ ଅଛି ତାହା ହେଲା କେବଳ ସେଥିରୁ ପିଇବା ଆରମ୍ଭ କରିବା ।

85 ଏବଂ ଯେପରି ଗଛଟି ପାନ କରି ଚାଲିଥାଏ, ଏହା ପ୍ରତିବର୍ଷ ନିଜର ପତ୍ର, ନିଜର କଢ, ନିଜର ଫଳ ବାହାର କରିବାକୁ ଲାଗେ । ଫଳଟି ଭୂମିରେ ଲାଗେ ନାହିଁ; ଫଳଟି ସେହି ଗଛରେ ଥାଏ । କେତେଜଣ ତାହା ବୁଝିଲେ, କୁହନ୍ତୁ "ଆମେନ୍ ।" [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ତେଣୁ, ଦେଖନ୍ତୁ, ଫଳଟି ଗଛରେ ଥାଏ, ଏବଂ ପ୍ରତ୍ୟେକ ଗଛକୁ ତାହାଙ୍କର ନିର୍ଝରଠାରୁ ପାନ କରିବାକୁ ହୁଏ । ଯେତେବେଳେ ବର୍ଷା ତଳକୁ ଆସେ, ସେହି ଗଛ, ଜୀବନକୁ, ପିଇବାକୁ ଦେଇଥାଏ । ଏବଂ, ଯେତେବେଳେ ଏହା ପାନ କରେ, ଏହା ବୃଦ୍ଧିସାଧନ କରିଥାଏ ।

86 ଏବଂ ଏହା ବଢି ଚାଲିଥାଏ ଯେପର୍ଯ୍ୟନ୍ତକି ଏହା ପୂର୍ଣ୍ଣ କଢକୁ ନ ଆସିଯାଏ, ଠିକ୍ ଯେପରିକି ମଣ୍ଡଳୀକୁ, ଏହି ଯୁଗରେ ପ୍ରସ୍ଫୁଟିତ ହେବାକୁ ଅଛି ।

87 ଏବଂ, ଯେତେବେଳେ ଆମେ ପିଇଥାଉ, ଆମେ ବୃଦ୍ଧି ପାଇଥାଉ । କିନ୍ତୁ ଯଦି ସେହି ଗଛ ପିଇବାକୁ ମନା କରିଦିଏ, ତେବେ ସେହି ଗଛ ବଢିପାରେ ନାହିଁ । ଏବଂ ଯଦି ଆପଣ ଏହାକୁ ବର୍ତ୍ତମାନ, ବ୍ୟକ୍ତିଗତ ଭାବରେ ବିଶ୍ୱାସ କରିବେ!

88 ଅବଶ୍ୟ, ଆପଣ ଜାଣନ୍ତି ଯେ ପ୍ରଭୁ କିପରି କରନ୍ତି, ବିଭିନ୍ନ ବିଷୟଗୁଡିକ ଦେଖାନ୍ତି, ଯାହାକି ଆପଣ ସଭାରେ, କରିଥାନ୍ତି ଏବଂ କଅଣ କରିବାର ଉଚିତ୍ ନ ଥିଲା, ଓ ଇତ୍ୟାଦି ସବୁ । ଆମେ ଆଶା କରୁଥିଲୁ ଯେ ପବିତ୍ରଆତ୍ମା ଆଜି ସକାଳେ ଆମ ଉପରେ ଓହ୍ଲାଇ ଆସିବେ ଏବଂ ତାହା ସବୁ କରିବେ, ଯେପରି ଆମେ ଛିଡ଼ା ହୋଇଥିଲୁ । କିନ୍ତୁ ମୁଁ ଅପେକ୍ଷା କରି ରହିଲି ।

89 ମୁଁ ଭାବୁଛି ଯେ ଏହା ଅଧୀର କରିବା ବିଷୟ ଅଟେ, ଏହା ଭାବି ଯେ ତଳ ମହଲାରେ ସେମାନେ ଚାହାଁନ୍ତି ଯେ ଆମେ ଏଠାରୁ ବାହାରି ଯାଉ, ଦେଖନ୍ତୁ । କିନ୍ତୁ ସେମାନେ ଆମକୁ ଚାହୁଁଛନ୍ତି; ଆମେ ବର୍ତ୍ତମାନ ବିଳମ୍ବ କରି ଦେଇଛୁ ।

90 କିନ୍ତୁ ଏହାକୁ ନିଜର ସମସ୍ତ ହୃଦୟ ସହିତରେ, ବିଶ୍ୱାସ କରନ୍ତୁ । ଦୟାକରି କରନ୍ତୁ । ଯଦି ମୁଁ—ଯଦି ମୁଁ ଆପଣମାନଙ୍କ ଦୃଷ୍ଟିରେ, ଜଣେ ସତ୍ୟବାଦୀ ବ୍ୟକ୍ତି ଭାବରେ ଅନୁଗ୍ରହ ପାଇଅଛି, ତେବେ ଏହାକୁ ବିଶ୍ୱାସ କରନ୍ତୁ । ତେବେ ଆପଣମାନେ ନିଜର ହାତକୁ ପରସ୍ପର ଉପରେ—ରେ ରଖନ୍ତୁ ।

91 ତେବେ ଦେଖନ୍ତୁ, ବର୍ତ୍ତମାନ, ବାଇବଲ କୁହେ ନାହିଁ, "ଏହି ଚିହ୍ନଗୁଡିକ ୱିଲିୟମ୍ ବ୍ରାନହାମ୍‌ଙ୍କର ଅନୁଗାମୀ ହେବ ।" ଏହା କୁହେ ନାହିଁ, "ଏହା କେବଳ ଓରାଲ୍ ରୋବର୍ଟସ୍‌ଙ୍କର ଅନୁଗାମୀ ହେବ ।" ଏହା କୁହେ ନାହିଁ ଯେ ଏହା "ଭାଇ କପ୍" କିମ୍ବା "କାହାରି ଜଣକା" ର ଅନୁଗାମୀ ହେବ ।

92 "ଏହି ଚିହ୍ନଗୁଡ଼ିକ ସେମାନଙ୍କର ଅନୁଗାମୀ ହେବ," ବହୁବଚନ, "ଯେଉଁମାନେକି ବିଶ୍ୱାସ କରନ୍ତି । ଯଦି ସେମାନେ ରୋଗୀମାନଙ୍କ ଉପରେ ହାତ ରଖିବେ, ତେବେ ସେମାନେ

ସୁସ୍ଥ ହୋଇଯିବେ।" ଏହା ତ ସେହି ପରମେଶ୍ୱରଙ୍କ ଶକ୍ତି ଯାହା ଆପଣଙ୍କ ଭିତରେ ଅଛି, ଯାହାକି ସେହି ବ୍ୟକ୍ତିଙ୍କଠାରେ ଜୀବନକୁ ଆଣିଥାଏ ଯାହାଙ୍କ ଉପରେ ଆପଣ ହାତ ରଖନ୍ତି, ପବିତ୍ରଆତ୍ମାଙ୍କର ସେହି ଜୀବନ-ପ୍ରଦାନକାରୀ ଉତ୍ସ ଅଟେ।

93 ପ୍ରିୟ ପରମେଶ୍ୱର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଯେତେବେଳେକି ମଣ୍ଡଳୀ...ଏହା ହେଉ ଯେ ସେମାନେ ଏହି କ୍ଷଣରେ ଛିଡ଼ା ହୁଅନ୍ତୁ, ବିନା ଅଧୀର ହୋଇ, ଏବଂ ଏହା ହେଉ ଯେ ସେହି ଶକ୍ତି ଯାହାକି ଖ୍ରୀଷ୍ଟଙ୍କୁ କବରରୁ ପୁନରୁତ୍‌ଥିତ କରିଥିଲା, ବର୍ତ୍ତମାନ ସେମାନଙ୍କଠାରେ ସୁସମାଚାରର ସତ୍ୟକୁ ସଞ୍ଜିବିତ କରୁ, ଯାହାକି ଯୀଶୁଙ୍କ କାର୍ଯ୍ୟଭାର ଥିଲା ଯେ, ଯଦି ସେମାନେ "ରୋଗୀମାନଙ୍କ ଉପରେ ହାତ ରଖିବେ, ସେମାନେ ସୁସ୍ଥ ହୋଇଯିବେ।" ପ୍ରତ୍ୟେକ ଭୂତ ଶକ୍ତି, ପ୍ରତ୍ୟେକ ଅସୁସ୍ଥତା, ପ୍ରତ୍ୟେକ ରୋଗ, ପ୍ରତ୍ୟେକ ଦୁଃଖ ପୀଡା, ପ୍ରତ୍ୟେକ ଯନ୍ତ୍ରଣାଦାୟକ ବିଷୟ ଯାହାକି ଲୋକମାନଙ୍କ ସହିତ ଘଟିଥିଲା, ଠିକ୍ ବର୍ତ୍ତମାନ ହିଁ ତାହା ବିଶ୍ୱାସ ଦ୍ୱାରା ଛାଡି ଚାଲିଯାଉ। ବିଶ୍ୱାସୀ ଲୋକ ଭାବରେ, ଆମେ ଏହାକୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମାଗୁଅଛୁ। ଆମେନ୍।

94 ତେବେ ନିଜର ହାତକୁ ଉଠାନ୍ତୁ ଏବଂ ତାହାଙ୍କୁ ପ୍ରଶଂସା କରନ୍ତୁ, ଯଦି ଆପଣ ଏହା ବିଶ୍ୱାସ କରୁଛନ୍ତି ଯେ ସେ ଏହା କରନ୍ତି।

95 ହେ ପରମେଶ୍ୱର, ଏହି ଶିଶୁଟି ମରିଯିବ, ପ୍ରଭୁ, ଯଦି ଏହା କରା ନ ଯାଏ। ମୁଁ ଏହି ଗଣ୍ଡିକୁ ଧମକ ଦେଉଛି, ଯୀଶୁ ଖ୍ରୀଷ୍ଟଙ୍କ ନାମରେ। ତାହା ଏହି ନିରୀହ ଶିଶୁଟିକୁ ଛାଡି ଚାଲିଯାଉ। ଆମେନ୍।

ତେବେ, ଡାକ୍ତରମାନେ ଚେଷ୍ଟା କରି ସାରିଛନ୍ତି, ଏବଂ ସେମାନେ ବିଫଳ ହୋଇଛନ୍ତି। କେବଳ ବିଶ୍ୱାସ କରନ୍ତୁ।

***ଦଶ ଲକ୍ଷରେ ଏକ*** ORI65-0424

(One In A Million)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଏପ୍ରିଲ୍ 24, 1965, ଶନିବାର ସକାଳରେ, ଯୁକ୍ତରାଷ୍ଟ୍ର ଆମେରିକାର, କାଲିଫର୍ଣିଆ ପ୍ରଦେଶର, ଲସ୍ ଆଞ୍ଜେଲସ୍ ସହରରେ କ୍ଲିଫଟନ୍ କାଫେଟେରିଆଠାରେ ପୂର୍ଣ୍ଣ ସୁସମାଚାର ବ୍ୟବସାୟ ପୁରୁଷମାନଙ୍କର ସହଭାଗିତା ଅନ୍ତଃରାଷ୍ଟ୍ରୀୟ ସମ୍ମିଳନୀ ପାଇଁ ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2023 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:



VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org